ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ' ଇଅର : ବୁମ୍ରାଙ୍କ ସମେତ ୩ ଭାରତୀୟ ସାମିଲ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୩୫୭ ● ୨୫ ଜାନୁଆରୀ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -31 ● Issue-357 ● 25th January 2025, Saturday ● Bhubaneswar | Licensed to post without pre-payment of postage No- BN-60/25-27


# ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୪୦ ହଜାର ନିଯୁକ୍ତି

ଭୁବନେଶ୍ୱର, ୨୪।୧

ନ୍ୟୁଜ୍ ବ୍ୟୁରୋ

ଗତ ବର୍ଷ ପରି ବଜେଟ ପ୍ରସ୍ତୁତି ପ୍ରକ୍ରିୟାକୁ ଲୋକାଭିମୁଖୀ କରିବା ପାଇଁ ଆମ ସରକାର ପ୍ରେସ ଇସ୍ତାହାର ମାଧ୍ୟମରେ ଜନସାଧାରଣଙ୍କଠାରୁ ବହୁମୂଲ୍ୟ ମତାମତ ଆହ୍ୱାନ କରିଛନ୍ତି। ବିଭିନ୍ନ ମାଧ୍ୟମରେ ଆସୁଥିବା ଏହି ପରାମର୍ଶ ଗୁଡ଼ିକୁ ଅନୁଧ୍ୟାନ ଓ ତର୍ଜମା କରି ଚଳିତ ବଜେଟରେ ସ୍ଥାନିତ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ଶୁକ୍ରବାର ଲୋକସେବା ଭବନ କନଭେନସନ ସେଣ୍ଟର ଠାରେ ଆୟୋଜିତ ପ୍ରାକ ବଜେଟ ଆଲୋଚନା ବୈଠକରେ ମୁଖ୍ୟମନ୍ତ୍ରୀ ପୂର୍ବତନ ଅର୍ଥମନ୍ତ୍ରୀ, ଅର୍ଥବିଷାରଦ ଓ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି ।

ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମକୁ କହିଥିଲେ ଯେ, ଚଳିତ ବର୍ଷର ବଜେଟ କିପରି ଲୋକାଭିମୁଖୀ ହୋଇପାରିବ ସେ ନେଇ ବୈଠକରେ ସମସ୍ତେ ନିଜର ବହୁମୂଲ୍ୟ ମତାମତ ଦେଇଛନ୍ତି । ଏ ବାବଦରେ ସାଧାରଣ ଲୋକ ଜାନୁଆରୀ ୩୧ ତାରିଖ ସୁଦ୍ଧା ଇ-ମେଲ ଓ ହ୍ୱାଟସ ଅପ୍, ୱେବ ପୋର୍ଟାଲ ମାଧ୍ୟମରେ ସେମାନଙ୍କ ମତାମତ ଦେବା ପାଇଁ ବ୍ୟବସ୍ଥା କରାଯାଇଛି ।

ଲୋକଙ୍କ ସରକାରରେ ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ଏବଂ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯିବ । ବିଶେଷ କରି ବଜେଟରେ ଗ୍ରାମାଞ୍ଚଳବାସୀ ଓ ଅର୍ଥନୈତିକ ଅନଗ୍ରସର ଲୋକମାନଙ୍କୁ ଫୋକସ କରାଯାଉଛି । ଏଥି ସହିତ ରାଜସ୍ୱ ବୃଦ୍ଧି, ଆଇ.ଟି, ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ, ଷ୍ଟିଲ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ, ଆଗ୍ରୋ ଇଣ୍ଡଷ୍ଟ୍ରି ଭଳି ଶିଳ୍ପ ସହିତ ପର୍ଯ୍ୟଟନକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । (ପୃଷ୍ଠା ୭ରେ)

# ସଂସଦୀୟ କମିଟି ବୈଠକରେ ପ୍ରବଳ ହଟ୍ଟଗୋଳ: ୧୦ ଏମ୍‌ପି ନିଲମ୍ବିତ

ନୂଆଦିଲ୍ଲୀ, ୨୪।୧

ୱାକଫ୍ ସଂଶୋଧନ ବିଲ୍ ଉପରେ ସଂସଦୀୟ କମିଟି ବୈଠକରେ ଶୁକ୍ରବାର ପ୍ରବଳ ହଟ୍ଟଗୋଳ ହୋଇଥିଲା। ହଟ୍ଟଗୋଳ ଥମି ନଥିବା ଦେଖି, କମିଟିର ୧୦ ଜଣ ଏମ୍‌ପିଙ୍କୁ ପୂରା ଦିନ ପାଇଁ କମିଟିର ସଦସ୍ୟତାରୁ ନିଲମ୍ବିତ କରାଯାଇଥିଲା। ବୈଠକ ପୂର୍ବରୁ ବିରୋଧୀ ସଦସ୍ୟମାନେ ଦାବି କରିଥିଲେ ଯେ, ଡ୍ରାଫ୍ଟ ଆଇନରେ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକୁ ଅଧ୍ୟୟନ କରିବା ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯାଉନାହିଁ। ଶୁକ୍ରବାର ବିଜେପି ଏମ୍‌ପି ଜଗଦମ୍ବିକା ପାଲଙ୍କ ନେତୃତ୍ୱାଧୀନ ଜେପିସି କଶ୍ମୀରର ମୀରାଇଜ ଉମର ଫାରୁକଙ୍କ ନେତୃତ୍ୱାଧୀନ ପ୍ରତିନିଧିମଣ୍ଡଳୀଙ୍କ ମତ ଶୁଣିବାର ଥିଲା।



ବୈଠକରେ ହଟ୍ଟଗୋଳ ପରେ ୱାକଫ ସଂଶୋଧନ ବିଲ୍ ୨୦୨୪ ଉପରେ ମିଳିତ ସଂସଦୀୟ କମିଟି ବୈଠକରୁ ସମସ୍ତ ୧୦ଜଣ ବିରୋଧୀ ଏମ୍‌ପିଙ୍କୁ ଦିନକ ପାଇଁ ନିଲମ୍ବିତ କରାଯାଇଥିଲା । ନିଲମ୍ବିତ ବିରୋଧୀ ସାଂସଦମାନଙ୍କ ମଧ୍ୟରେ କଲ୍ୟାଣ ବାନାର୍ଜୀ, ମହମ୍ମଦ ଜାଭେଦ, ଏ ରାଜା, ଅସଦୁଦ୍ଦିନ ଓବେସି, ନାସିର ହୁସେନ, ମୋହିବୁଲ୍ଲା, ଏମ ଅବଦୁଲ୍ଲା, ଅରବିନ୍ଦ ସାୱନ୍ତ, ନଦୀମୁଲ ହକ, ଇମ୍ରାନ ମାସୁଦ ଅନ୍ତର୍ଭୁକ୍ତ।

ଭାରତୀୟ ଜନତା ପାର୍ଟିର ଏମ୍‌ପି ନିଶିକାନ୍ତ ଦୁବେ ବିରୋଧୀ ସଦସ୍ୟମାନଙ୍କୁ ନିଲମ୍ବନ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ କମିଟି ଦ୍ୱାରା ଗ୍ରହଣ କରାଯାଇଥିଲା।

# ମାତୃଭାଷାରେ ସ୍ନାତକ ପଢ଼ିବେ ଛାତ୍ରଛାତ୍ରୀ

## ପୁସ୍ତକ ଲେଖା ପାଇଁ ୫୦ ଲେଖକ ମନୋନୀତ

ଭୁବନେଶ୍ୱର, ୨୪।୧

ନ୍ୟୁଜ୍ ବ୍ୟୁରୋ

ଆଗକୁ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାରେ ସ୍ନାତକ ପଢିବେ। ଏନେଇ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିକଟରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏମବିଏ ପାଠ୍ୟକ୍ରମ ପାଇଁ ଓଡ଼ିଆ ପୁସ୍ତକ ପ୍ରକାଶ କରାଯାଇଥିଲା ବେଳେ ଆଗକୁ ଡାକ୍ତରୀ ଏବଂ ଇଂଜିନିୟରିଂ ମଧ୍ୟ ଓଡ଼ିଆ ଭାଷାରେ ପଢ଼ାଯିବ। ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ କରିବା ପାଇଁ ସରକାରୀ ସ୍ତରରେ ତତ୍ପରତା ଦେଖାଦେଇଛି।



ଉଚ୍ଚଶିକ୍ଷା ବିଭାଗରେ ସ୍ନାତକ(+୩) କ୍ଷେତ୍ରରେ ଏହା ଲାଗୁ ହୋଇ ସାରିଥିବାବେଳେ ଛାତ୍ରଛାତ୍ରୀ ଯେଉଁଭଳି ଭାବେ ନିଜ ମାତୃଭାଷାରେ ପାଠ ପଢ଼ିବେ ସେ ଦିଗରେ କାମ ଚାଲିଛି । ପୁସ୍ତକ ଲେଖା ପାଇଁ ରାଜ୍ୟରେ ପ୍ରାୟ ୫୦ ଲେଖକଙ୍କୁ ମନୋନୀତ କରାଯାଇଛି । ଖୁବ୍‌ଶୀଘ୍ର ପୁସ୍ତକ ଲେଖା କାମ ଆରମ୍ଭ ହେବ।

ସୂଚନା ଅନୁଯାୟୀ ଜାତୀୟ ଶିକ୍ଷାନୀତି ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷା ବର୍ଷରୁ ଲାଗୁ କରାଯାଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟରେ ଲାଗୁ ହୋଇଛି । ତିନି ବର୍ଷ ବଦଳରେ ଚାରି ବର୍ଷର ସ୍ନାତକ ପାଠ୍ୟକ୍ରମ ପଢ଼ିବେ ଛାତ୍ରଛାତ୍ରୀ।

ପ୍ରଚଳିତ ପୁସ୍ତକ ଲେଖା ପାଇଁ ୫୦ ଲେଖକ ମନୋନୀତ ପାଠ୍ୟକ୍ରମକୁ ଦୃଷ୍ଟିରେ ରଖି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରଫେସର ଆଚାର୍ଯ୍ୟଙ୍କୁ ପୁସ୍ତକ ପ୍ରସ୍ତୁତି ପାଇଁ ନୋଡାଲ ଅଧିକାରୀ ଭାବେ ପୂର୍ବରୁ ଦାୟିତ୍ୱ ଦିଆଯାଇଥିଲା। ଏବେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ମ୍ୟାନେଜମେଣ୍ଟ ଭଳି ପାଠ୍ୟକ୍ରମର ପ୍ରାୟ ୨୦ ପୁସ୍ତକ ପ୍ରାଥମିକ ଭାବେ ଲେଖାଯିବ।

ଜାତୀୟ ଶିକ୍ଷା ନୀତିର ପାଠ୍ୟଖସଡ଼ା ମୁତାବକ ଏହି ପୁସ୍ତକ (ପୃଷ୍ଠା ୭ରେ)

# ଋଣ ସୁଝିନପାରିବାରୁ ମହିଳାଙ୍କୁ ଲଣ୍ଡା କଲେ



ଅଗରତାଲା, ୨୪।୧

ତ୍ରିପୁରାରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଜଣେ ମହିଳା ଋଣ ସୁଝିନପାରିବାରୁ କିଛି ସ୍ଥାନୀୟ ଲୋକ ମିଶି ତାଙ୍କୁ ଲଣ୍ଡା କରିଥିବା ଅଭିଯୋଗ ହୋଇଛି । ଘଟଣାଟି ହେଉଛି ତ୍ରିପୁରାର ସେପାହିଜାଲା ଜିଲ୍ଲାର ବିଶାଳଗଡ଼ର ଲାଲସିଂମୁରା ଅଞ୍ଚଳ। ଜାଣିବାକୁ ମିଳିଛି ଯେ ଉକ୍ତ ମହିଳା ଜଣଙ୍କୁ କିଛି ମହିଳା ମିଶି କରି ଲଣ୍ଡା କରିଛନ୍ତି ।

ଘଟଣା ସଂପର୍କରେ ସୂଚନା ପାଇବା ପରେ ବିଶାଳଗଡ଼ ମହିଳା ପୁଲିସ ଷ୍ଟେସନର ପୁଲିସ ପୀଡିତାଙ୍କୁ ଉଦ୍ଧାର କରି ସୁରକ୍ଷା ପ୍ରଦାନ କରିବା ସହ ପ୍ରାରମ୍ଭିକ ତଦନ୍ତ ପାଇଁ ପୁଲିସ ଷ୍ଟେସନକୁ ଆଣିଥିଲେ।

ଘଟଣାର ତଦନ୍ତ କରୁଥିବା ବିଶାଳଗଡ଼ (ପୃଷ୍ଠା ୭ରେ)

# ଭାରତ ସହ ଧୋକା, ଚାଇନା ସହ ବନ୍ଧୁତା: ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ଗେମ୍ ପ୍ଲାନ

ୱାଶିଂଟନ, ୨୪।୧

ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ମାତ୍ରେ ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଅନେକ ଘୋଷଣା କରିଥିଲେ, ଯାହା ଭାରତର ଚିନ୍ତାକୁ ବଢ଼ାଇ ଦେଇଥିଲା। ଅନ୍ୟପକ୍ଷରେ, ଚାଇନା ପ୍ରତି ତାଙ୍କର ମନୋଭାବ ବହୁତ ନରମ ମନେ ହେଉଛି । ଏକ ସାକ୍ଷାତକାରରେ ସେ କହିଥିଲେ, ଯେ ଚାଇନା ଉପରେ ଶୁଳ୍କ ଲଗାଇବାକୁ ଆଗ୍ରହୀ ନୁହଁନ୍ତି । ସେ ପରାମର୍ଶ ଦେଇଥିଲେ ଯେ, ଏହି ଉପାୟରେ ବିଶ୍ୱର ଦୁଇ ବୃହତ ଅର୍ଥନୀତି ମଧ୍ୟରେ ବାଣିଜ୍ୟ ଯୁଦ୍ଧକୁ ଏଡାଯାଇପାରିବ।



ଡୋନାଲ୍ଡ ଟ୍ରମ୍ପ ଆହୁରି ମଧ୍ୟ କହିଛନ୍ତି, ଚାଇନା ବିରୋଧରେ ଆମର ସବୁଠାରୁ ବଡ଼ ଶକ୍ତି ହେଉଛି ଶୁଳ୍କ, କିନ୍ତୁ ସେମାନେ ଏହା ଚାହାଁନ୍ତି ନାହିଁ ଏବଂ ମୁଁ ମଧ୍ୟ ଏହାକୁ ବ୍ୟବହାର କରିବାକୁ ଚାହୁଁନାହିଁ, କିନ୍ତୁ ଚାଇନା ବିରୋଧରେ ଆମର ଏହି ପ୍ରଚଣ୍ଡ ଶକ୍ତି ଅଛି। ସାକ୍ଷାତକାର ସମୟରେ ଡୋନାଲ୍ଡ ଟ୍ରମ୍ପ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ପ୍ରଶଂସା ମଧ୍ୟ କରିଥିଲେ ଏବଂ କହିଥିଲେ ଯେ, ସେ ତାଙ୍କର ଭଲ ବନ୍ଧୁ ଏବଂ ତାଙ୍କ ସହିତ ତାଙ୍କର ସାମ୍ପ୍ରତିକ ଆଲୋଚନା ମଧ୍ୟ ଭଲ ଥିଲା।

ପୂର୍ବରୁ ତାଙ୍କ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ, ଡୋନାଲ୍ଡ ଟ୍ରମ୍ପ ଅନେକ ଥର ଚାଇନା ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଭାରୀ ଟିକସ ଲଗାଇବା ବିଷୟରେ କହିଥିଲେ ଏବଂ ରାଷ୍ଟ୍ରପତି ହେବା ପରେ ଦ୍ୱିତୀୟ ଦିନରେ ସେ ଚାଇନା ଉପରେ ୧୦ ପ୍ରତିଶତ ଟିକସ ଲଗାଇବେ ବୋଲି କହିଥିଲେ।

# ନିଖୋଜ ହୋଇଯାଇଛି ମାଘ ମାସର ବାଘ ଭଳି ଶୀତ-ଜାଡ଼

ଭୁବନେଶ୍ୱର, ୨୪।୧

ନ୍ୟୁଜ୍ ବ୍ୟୁରୋ

ମାଘ ମାସର ବାଘ ଭଳି ଶୀତ ଓ ଜାଡ଼ ଆଉ ନାହିଁ । ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, କନ୍ଧମାଳ ଜିଲ୍ଲାର କିଛି ସ୍ଥାନରେ ଏବେ ରାତିରେ ଶୀତ ଅନୁଭୂତ ହେଉଥିବା ବେଳେ ଦିନ ବେଳା ଶୀତଋତୁର ପ୍ରଭାବ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଳବାୟୁ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ବୋଲି ପାଣିପାଗ ବିଶେଷଜ୍ଞମାନେ କହୁଛନ୍ତି । ଜାନୁଆରୀ ଶେଷ ହୋଇ ନଥିବା ବେଳେ ଗ୍ରୀଷ୍ମଋତୁର ପ୍ରାକ ସୂଚନା ମିଳିସାରିଛି। ରାଜ୍ୟରେ ତାପମାତ୍ରା ୧୮ ଡିଗ୍ରୀ ରେକର୍ଡ ହୋଇଛି । ଏହାରି ମଧ୍ୟରେ ପାଣିପାଗ ବିଭାଗ ପକ୍ଷରୁ ଆଗାମୀ ୨୪ ଘଣ୍ଟା ପାଇଁ କୁହୁଡ଼ି ନେଇ ସତର୍କ ସୂଚନା ଜାରି କରାଯାଇଛି ।



ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, କୋରାପୁଟ, କଳାହାଣ୍ଡି, କନ୍ଧମାଳ ଓ ନୟାଗଡ଼କୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏସବୁ ଜିଲ୍ଲାଗୁଡ଼ିକରେ ଦୃଶ୍ୟମାନତା ୫୦ରୁ ୨୦୦ ମିଟର (ପୃଷ୍ଠା ୭ରେ)

# ବିଦ୍ୟାଳୟରେ ବ୍ୟାପିଲା ଝାଡ଼ାବାନ୍ତି, ଶତାଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ

ତେନ୍ତୁଲିଖୁଣ୍ଟି/ଇନ୍ଦ୍ରାବତୀ, ୨୪।୧

ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ଖାତିଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଝାଡାବାନ୍ତି ବ୍ୟାପିଛି । ଏଥିରେ ଶତାଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ ହୋଇଛନ୍ତି। ଗୁରୁତର ୯ ଜଣ ଛାତ୍ରଛାତ୍ରୀଙ୍କୁ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଇଛି। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ଚିକିତ୍ସା କରିଛି । ଏହାପରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ହୋଇଥିବା ବେଳେ ଶୁକ୍ରବାର ପୁଣି ୫ ଜଣ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି ।



ମିଳିଥିବା ସୂଚନା ଅନୁଯାୟୀ ଖାତିଗୁଡା ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗୁରୁବାର ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଶତାଧିକ ଛାତ୍ରଛାତ୍ରୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏମଏଚୟୁ ଟିମର ଡା. ଅମରେଶ ମହାନ୍ତି, ଡା. ଶୁଭେନ୍ଦୁ ବାଗ, ଭେଷଜ ଡାକ୍ତର ରଶ୍ମିତା ପଲେଇ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ ଦାସ, ତପନ ରାଓ, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଷମା ନାୟକ, ରତ୍ନ ମଞ୍ଜରୀ ମହାଳି ନବୋଦୟ ବିଦ୍ୟାଳୟରେ ପହଞ୍ଚିଥିଲେ।

ତେବେ ବିଦ୍ୟାଳୟର ୧୨୨ ଜଣ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେଥି ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଇଥିଲା । ଚିକିତ୍ସା ପରେ ସମସ୍ତ ୯ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ପଠେଇ ଦିଆଯାଇଛି।

ବର୍ତ୍ତମାନ ସମସ୍ତ ଛାତ୍ରଛାତ୍ରୀ ସୁସ୍ଥ ରହିଥିବା ଡାକ୍ତରଖାନା (ପୃଷ୍ଠା ୭ରେ)

# ଆଇପିଏସ୍ କୁଳଦୀପ ମୀନା ରାଜ୍ୟପାଳଙ୍କ ନୂଆ ଏଡିସି

ଭୁବନେଶ୍ୱର, ୨୪।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟପାଳଙ୍କ ଏଡିସି ଭାବେ ୨୦୨୧ ବ୍ୟାଚ ଆଇପିଏସ୍ କୁଳଦୀପ ମୀନାଙ୍କୁ ନିଯୁକ୍ତି ମିଳିଛି । ସେ ତାଙ୍କର ଏହି ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି । ପୂର୍ବ ରାଜ୍ୟପାଳ ରଘୁବର ଦାସଙ୍କ ସମୟରେ ୨୦୨୪ ମେ ମାସରୁ ଏଡିସି ଭାବେ ଲେଫଟନାଣ୍ଟ କମାଣ୍ଡର ନୀତିନ ତ୍ରିପାଠୀ କାର୍ଯ୍ୟ କରୁଥିଲେ।

ରାଜ୍ୟ ଗୃହ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୧ ବ୍ୟାଚ ଆଇପିଏସ କୁଳଦୀପ ମୀନାଙ୍କୁ ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତି ମିଳିଛି । ସେ ବୌଦ୍ଧ ଏସଡିପିଓ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କୁ ସ୍ଥାନୀୟସ୍ତରରେ ରିଲିଭ କରାଯିବା ପରେ ସେ ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଇଥିବା ଜଣାପଡ଼ିଛି ।


TATA MOTORS

Light Commercial Vehicles Dealers

24 hours help line :


Sales : 7873770000


## ଏକାଳ ପଖାଳ



ବାରବାଟୀରେ ଟିକେଟ ବିକ୍ରି
ମନହୁଏ ଛନଛନ
କ୍ରିକେଟ ପ୍ରେମୀଙ୍କ ହୃଦୟ ଚମକେ
ଦିନିକିଆ ହେବ ଧନ
ଟିମ୍ ଇଣ୍ଡିଆ ଫ୍ୟାନ୍
ଏବେଠାରୁ ରେଡି ଚିଲ୍ଲେଇବାକୁ
ଇଂଲଣ୍ଡ ପାଇବ ପାନ।

# ହଜାର ହଜାର ଶରଣାର୍ଥୀଙ୍କ ଆମେରିକା ସ୍ୱପ୍ନକୁ ଭାଙ୍ଗିଲା ଟ୍ରମ୍ପଙ୍କ ଗୋଟିଏ ନିର୍ଦ୍ଦେଶ



ୱାଶିଂଟନ, ୨୪।୧

ଜାନୁଆରୀ ୨୦ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ସେ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଗୋଟିଏ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମାରେ ଦସ୍ତଖତ କରିଛନ୍ତି। ଏହି ନିର୍ଦ୍ଦେଶନାମାରେ ଦସ୍ତଖତ କରି ଟ୍ରମ୍ପ ଆମେରିକାରେ ଦୀର୍ଘ ବର୍ଷ ହେଲା ପ୍ରଚଳିତ ଶରଣାର୍ଥୀ ପୁନର୍ବାସ କାର୍ଯ୍ୟକ୍ରମକୁ ରଦ୍ଦ କରି ଦେଇଛନ୍ତି।

ଟ୍ରମ୍ପଙ୍କ ଏପରି ପଦକ୍ଷେପ ପରେ ଆମେରିକାରେ ଶରଣ ନେବାକୁ ଚାହୁଁଥିବା ହଜାର ହଜାର ଲୋକ ବିଶ୍ୱର ବିଭିନ୍ନ ସ୍ଥାନରେ ଫସି ଯାଇଛନ୍ତି । ସେମାନେ ଆମେରିକାକୁ ନେଇ ଦେଖିଥିବା ସ୍ୱପ୍ନ ସବୁ ଚୂରମାର ହୋଇଯାଇଛି।

ଯୁଦ୍ଧ ଓ ଉତ୍ପୀଡ଼ନକୁ ସହ୍ୟ ନ କରିପାରି ନିଜ ନିଜ ଦେଶ ଛାଡ଼ିଥିବା ଶରଣାର୍ଥୀଙ୍କୁ ଆମେରିକାରେ ରହିବାକୁ ମଞ୍ଜୁରୀ ମଧ୍ୟ ମିଳି ସାରିଥିଲା। କିନ୍ତୁ ଟ୍ରମ୍ପଙ୍କ ଗୋଟିଏ ଦସ୍ତଖତ ସେମାନଙ୍କୁ ସମସ୍ୟାରେ ପକାଇ ଦେଇଛି। ଏମାନଙ୍କ ମଧ୍ୟରେ ୧୬୦୦ରୁ ଅଧିକ ଆଫଗାନ ରହିଛନ୍ତି । ଏହି ଆଫଗାନମାନେ ତାଲିବାନ ବିରୋଧୀ ଯୁଦ୍ଧରେ ଆମେରିକାର ସହାୟତା କରିଥିଲେ। ୨୦୨୧ ଅଗଷ୍ଟ ୧୫ରେ ତାଲିବାନ (ପୃଷ୍ଠା ୭ରେ)

# ୨୦୨୫ରେ ହେବ ୨ଟି ଚନ୍ଦ୍ରଗ୍ରହଣ କିନ୍ତୁ ଭାରତରେ ଦେଖାଯିବ ଗୋଟିଏ

ନୂଆଦିଲ୍ଲୀ, ୨୪।୧

ଜ୍ୟୋତିର୍ବିଜ୍ଞାନରେ ରୁଚି ରଖୁଥିବା ଲୋକଙ୍କ ପାଇଁ ଚନ୍ଦ୍ରଗ୍ରହଣ ଏକ ଚମତ୍କାର ମହାକାଶୀୟ ଘଟଣା, ଯାହାକୁ ଲୋକେ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି। ୨୦୨୫ ରେ ୨ଟି ଚନ୍ଦ୍ରଗ୍ରହଣ ହେବ ଓ ୨ଟି ସୂର୍ଯ୍ୟପରାଗ ହେବ। କିନ୍ତୁ ସେଥିମଧ୍ୟରୁ କେବଳ ଗୋଟିଏ ଚନ୍ଦ୍ରଗ୍ରହଣ ଭାରତରେ ଦୃଶ୍ୟମାନ ହେବ ।

ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଏକ 'ପୂର୍ଣ୍ଣ ଚନ୍ଦ୍ରଗ୍ରହଣ' ହେବ। ଏହି ଜ୍ୟୋତିର୍ବିଜ୍ଞାନିକ ଘଟଣା ଭାରତୀୟ ସମୟ ଅନୁସାରେ ମାର୍ଚ୍ଚ ୧୪ ତାରିଖରେ ଘଟିବ। କିନ୍ତୁ ଭାରତରେ



ଏହି ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ ନାହିଁ । ଏହି ଚନ୍ଦ୍ରଗ୍ରହଣ ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା ଏବଂ (ପୃଷ୍ଠା ୭ରେ)

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ଧ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ବଧୂ ବିଦେଶିନୀ ୧୩

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୨୭. ଲଳିତ ଗିରିରେ ପ୍ରଥମ ଓ ଦ୍ୱିତୀୟ ଦିନ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମ୍ଭେମାନେ ଲଳିତ ଗିରିରେ ଅପରାହ୍ନରେ ଉପନୀତ ହେବା ମାତ୍ରେ ବିଦ୍ୟାପୀଠର ଆମ୍ଭ ଦାୟିତ୍ୱରେ ରହିଥିବା କର୍ମଚାରୀ ଆମ୍ଭକୁ ଆସି ସ୍ୱାଗତ କଲେ ଓ ଅଚାର୍ଯ୍ୟଙ୍କୁ କହିଲେ, "ମୁଁ ଗତ ୨-୩ ଦିନ ଠାରୁ ତୁମ୍ଭମାନଙ୍କ ଅପେକ୍ଷାରେ ରହିଛି। ତୁମ୍ଭମାନଙ୍କ ଏ ଦୀର୍ଘ ଯାତ୍ରାରେ ସବୁ କୁଶଳ ତ ?" ଆଚାର୍ଯ୍ୟ ସମସ୍ତ ବିନା ବାଧାରେ ସମାପନ ହୋଇଛି ବୋଲି କହିଲେ, "ମୋତେ ତୁମ୍ଭମାନଙ୍କ ସମସ୍ତ ବ୍ୟବସ୍ଥାର ଭାର ନ୍ୟସ୍ତ, ହୋଇଛି। ସମସ୍ତେ ଏଠାରେ ବ୍ୟବସ୍ଥିତ କକ୍ଷରେ ବିଶ୍ରାମ କର। ମୁଁ କିଛି ସମୟ ପରେ ତୁମ୍ଭ ନିକଟକୁ ଆସି କାଲିର କାର୍ଯ୍ୟକ୍ରମ ସ୍ଥିର କରିବି।"

ତଦନୁଯାୟୀ ଆମ୍ଭେମାନେ ନିଜ ନିଜ କକ୍ଷକୁ ଗଲୁ। ପରେ ଆମ୍ଭଙ୍କୁ ଜଣାଇ ଦିଆଗଲା ଯେ ପରଦିନ ପ୍ରଭାତରେ ମୁଁ ଓ ସୁହାସୀ ନାମ ଲିଖନ କାର୍ଯ୍ୟ ସଂପନ୍ନପାଇଁ ଆଚାର୍ଯ୍ୟଙ୍କ ସହ ବିଦ୍ୟାପୀଠର କାର୍ଯ୍ୟାଳୟକୁ ଯିବୁ। ତା'ପରେ ସମସ୍ତେ ଲଳିତଗିରିର ବିଦ୍ୟାପୀଠ ତଥା ଧର୍ମୀୟ ସଂରଚନାମାନ ଭ୍ରମଣ କରି ଦେଖିବୁ।

ରାତ୍ରରେ ଭୋଜନାଦି ଅନ୍ତେ ଶୟନ ପାଇଁ ତିନି ସଖୀ ପ୍ରସ୍ତୁତ ହେଲୁ। ସନ୍ୟାସିନୀ ଜୀବନର ଆରମ୍ଭରେ ଛାତ୍ରୀ ନିବାସରେ ତଳେ ଶୟନ ନିମିତ୍ତ ସପ, କନ୍ଥା ଶଯ୍ୟାର ବ୍ୟବସ୍ଥା। ଆମ୍ଭ ତିନି ଜଣକୁପାଇଁ ଏହାଥିଲା ପ୍ରଥମ ଅନୁଭୂତି। ପୂର୍ବରୁ ମୁଁ ଓ ସହାସୀ ମାନସିକ ସ୍ତରରେ କୋମଳ ତୁଳିତଳ୍ପ ଶଯ୍ୟା ତ୍ୟାଗକରି ଏ କଠିନ ବିନା ପଲଙ୍କ ଶଯ୍ୟାରେ ଶୟନ ନିମିତ୍ତ ନିଜକୁ ପ୍ରସ୍ତୁତ କରିଥିଲୁ। ମଂଜୁଳା ମଧ୍ୟ ନିଜେ ଏ ପରିସ୍ଥିତି ପାଇଁ ପ୍ରସ୍ତୁତ ହୋଇଗଲା। ତେଣୁ ବିନା ଚିନ୍ତାରେ ଶୟନ କଲୁ। କଳିଂଗର ଜନଜୀବନ ଆଦି ବିଷୟରେ ମଂଜୁଳିକା ଅନେକ ଗପସପ କଲା। ଆମେ ତା'ଠୁଁ ଅନେକ ସୁଂଦର ସୁନ୍ଦର କଳିଂଗର କଥା ଶୁଣୁ ଶୁଣୁ ଓ ସେ କହୁ କହୁ ତିନିସଖୀ ନିଦ୍ରାଗତ ହୋଇଗଲୁ।

ପ୍ରଭାତରେ ଦୈନନ୍ଦିନ କାର୍ଯ୍ୟ ଶେଷ କରି ଆଚାର୍ଯ୍ୟଙ୍କ ସହିତ ଆମ୍ଭେ ଦୁହେଁ ମଂଜୁଳିକା ସହ ବିଦ୍ୟାପୀଠରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଗଲୁ। ଆମ ଦାୟିତ୍ୱରେ ଥିବା କର୍ମଚାରୀ ଆମ୍ଭକୁ ଅଧ୍ୟକ୍ଷଙ୍କ ସହ ପରିଚୟ କରାଇଦେଲେ। ଅଧ୍ୟକ୍ଷ ମହୋଦୟ ଆନନ୍ଦ ପ୍ରକଟ କରି ଆମ୍ଭମାନଙ୍କୁ ସ୍ୱାଗତ କଲେ। ଆମ୍ଭେ ସମସ୍ତେ କଳିଂଗ ବଂଶଜ ବୋଲି ଜାଣି ଆନଂଦିତ ହୋଇ କହିଲେ, "ତୁମ୍ଭେମାନେ ତୁମ୍ଭର ଏ ପୂର୍ବ ପୁରୁଷଙ୍କ ସ୍ଥାନକୁ ଆସିଛ। ତେଣୁ ଏଠାରେ ସମସ୍ତଙ୍କୁ ନିଜ ମନେ କରି ଅବସ୍ଥାନ କର"। ଅଧ୍ୟକ୍ଷଙ୍କ ଏ ବାଣୀ ଆମ୍ଭମନରେ ଏପରି ଅସୀମ ଶକ୍ତି ଭରିଦେଲା ଯେ ଆମ୍ଭେ ଜନ୍ମସ୍ଥାନ, ଜ୍ଞାତିମାନଙ୍କୁ ପରିତାଗ କରି ଆସିଥିବା ପୀଡାକୁ ଭୁଲିଗଲୁ।

ଅଧ୍ୟକ୍ଷ ମହୋଦୟ ଆମ୍ଭମାନଙ୍କୁ ବସିବାକୁ କହି ଆଚାର୍ଯ୍ୟଙ୍କୁ ପଚାରିଲେ, "ଆର୍ଯ୍ୟଦତ୍ତ ମହାଶୟ, ଏ ଦୁଇକନ୍ୟା ବହୁତ ନ୍ୟୂନ ବୟସର ଅଟନ୍ତି, ଏମାନେ ଏଠାକାର ଉଚ୍ଚତର ଶିକ୍ଷା ଗ୍ରହଣ କରିବାକୁ ସକ୍ଷମ ହେବେ ତ ?' ଆଚାର୍ଯ୍ୟ ମହାଶୟ ହସିତ ବଦନରେ କହିଲେ, "ମହାଭାଗ, ମୁଁ ଆପଣଙ୍କୁ ଆଶ୍ୱାସନ ଦେଉଛି ଯେ ସେପରି କିଛି ପରିସ୍ଥିତି ଆସିବ ନାହିଁ। ଏମାନେ ମୋର ତତ୍ତ୍ୱାବଧାନରେ ୪ ବର୍ଷ ବୟସରୁ ପଠନ ଆରମ୍ଭ କରିଛନ୍ତି। ଉଭୟେ ଅତି ବୁଦ୍ଧିମତୀ। ମୁଁ ତାଂକ ଶିକ୍ଷାଗ୍ରହଣରେ ଅଗ୍ରଗତି ଦେଖି ସେମାନଙ୍କ ବିଦ୍ୟାଳୟ ଶିକ୍ଷା ଅଳ୍ପ ସମୟରେ ପରିସମାପ୍ତି କରିଛି। କୌଣସି ଚାପର ବଶବର୍ତ୍ତୀ ନ ହୋଇ ମୁଁ ନିଷ୍ପତ୍ତି ନେଇଛି। ତୁମ୍ଭେ ସେମାନଙ୍କର ଯେ କୌଣସି ପରୀକ୍ଷା ନେଇପାର"।



ଅଧ୍ୟକ୍ଷ ମହାଶୟ ହସି ବଖାଣିଲେ, " ମୋର ଏପରି ପଚାରିବାର ଉଦ୍ଦେଶ୍ୟ ଥିଲା ଯେ ସେମାନଙ୍କ ଆହରିତ ଜ୍ଞାନ ବିଷୟରେ ଅବଗତ ହେବା। କାରଣ ଯଦି ସେମାନେ କୌଣସି ବିଷୟରେ ଦୁର୍ବଳ ଥିବେ, ତେବେ ଆମ୍ଭେ ଏଠାରେ ସ୍ୱତନ୍ତ୍ର ଭାବେ କିଛି ଅଧିକ ଶିକ୍ଷାଦାନ କରି ସେମାନଙ୍କୁ ଅନ୍ୟ ସହପାଠୀଙ୍କ ସହ ସମକକ୍ଷ କରାଇବୁ।" ଶ୍ରବଣ କରି ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ସବିନୟ କହିଲେ, "ହେ ମହାଭାଗ, ଏହା ଅତି ଉତ୍ତମ ହେବ ଯେ ତୁମ୍ଭେମାନେ ସେମାନଙ୍କୁ ପରୀକ୍ଷା ବର୍ତ୍ତମାନ କରିବା ପୂର୍ବକ ନିଜର ଏ ବିଦ୍ୟାପାର୍ଥିନୀଙ୍କ ଦାୟିତ୍ୱ ଗ୍ରହଣ କର।" ତା'ପରେ ପୁଣି ଅଧ୍ୟକ୍ଷ ମହାଶୟ କହିଲେ, " ସେ ଚିନ୍ତା ତୁମର ନୁହେଁ, ଆଚାର୍ଯ୍ୟବର। ସେ ଚିନ୍ତା ଆମ୍ଭର।

ତୁମ୍ଭଠାରୁ ଯାହା ଶୁଣିଲି, ତାହା ଯଥେଷ୍ଟ। କନ୍ୟାମାନେ ନାମ ଲିଖନ କରି ପଠନ କରନ୍ତୁ। ଯଦି କିଛି ଆବଶ୍ୟକ ଥାଏ, ତେବେ ଅଧ୍ୟାପକମାନେ ଆବଶ୍ୟକ ଅନୁରୂପ ପଦକ୍ଷେପ ନେବେ।" ଏହାକହି ଅଧ୍ୟକ୍ଷ ମହାଶୟ କିଛି ସମୟ ଆମ୍ଭ ଦୁହିଁଙ୍କ ସହ ବାର୍ତ୍ତାଳାପ କରି ନିଜର ସନ୍ତୁଷ୍ଟି ବ୍ୟକ୍ତ କରି ଆଚାର୍ଯ୍ୟଙ୍କୁ ପ୍ରଶଂସା କଲେ। ତା'ପରେ ତାଙ୍କ କର୍ମଚାରୀଙ୍କ ଏ ନାମ ଲିଖନ କାର୍ଯ୍ୟ ଶୀଘ୍ର ସମାପନ କରିବାକୁ ନିର୍ଦ୍ଦେଶ ଦେଲେ। ଅତଃ ଆମର ନାମ ଲିଖନ ଅବିଳମ୍ବେ ହୋଇଗଲା।

ଏ ସବୁପରେ ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଅଧ୍ୟକ୍ଷଙ୍କୁ ଅନୁରୋଧ କରି କହିଲେ, "ମହାଶୟ, ଆମ୍ଭେ ଭାବୁଥିଲୁ ଯେ ଏହି ଚାରିପାଞ୍ଚ ଦିନରେ ଆମ୍ଭେ ତ୍ରୟ ତଥା ପାଲୁରାରୁ ଆସିଥିବା ଆମ୍ଭ ସହଯୋଗୀମାନେ ପୁଷ୍ପଗିରିର ରତ୍ନଗିରି, ଉଦୟଗିରି ଓ ଲାଙ୍ଗୁଡିର ପରିସର ଭ୍ରମଣ କରିବାକୁ। ତୁମ୍ଭେ ଆଜ୍ଞାଦେଲେ ତୁମ୍ଭର ଏ ଦୁଇ ବିଦ୍ୟାର୍ଥିନୀଙ୍କୁ ଆମ୍ଭେ ସାଥିରେ ନେଇଯିବୁ।"

ଅଧ୍ୟକ୍ଷ ତତ୍‌କ୍ଷଣାତ୍ କହିଲେ, "ଅତି ଉତ୍ତମ, ଏହା ତ ପ୍ରଥମେ କରାଯିବା ଉଚିତ। ତେଣୁ ଆମ୍ଭର ଜଣେ କର୍ମଚାରୀଙ୍କ ମାର୍ଗଦର୍ଶନରେ ତୁମ୍ଭେ ଭ୍ରମଣ କାର୍ଯ୍ୟ ଶେଷ କର।" "ଯଥା ଆଜ୍ଞା" କହି ଆଚାର୍ଯ୍ୟ ଆଭାର ପ୍ରକଟ କରି ଆମ୍ଭମାନଙ୍କୁ ନେଇ ବାହାରକୁ ଆସିଗଲେ। ମଂଜୁଳିକା ଏ ସବୁ ଦେଖି ଆମ୍ଭକୁ କହିଲା, "ସଖୀ, ତୁମେ ଦୁହେଁ ଭାଗ୍ୟବାନ। ଏତେ ବଡ ମହାବିଦ୍ୟାଳୟରେ ତୁମ୍ଭେ ପାଠ ପଢିବ। ମୋ ପିତାମାତା ମୋତେ ଏପରି ଉଚ୍ଚ ଶିକ୍ଷା ପାଇଁ ଅନୁମତି ଦେବା ଅସମ୍ଭବ। କାରଣ ସେମାନେ ମୋର ବିବାହ ଶୀଘ୍ର କରିଦେବେ।" ସୁହାସୀ ଦୁଷ୍ଟାମି କରି କହିଲା, "ଆରେ ତୁ ଏକ ଧନଶାଳୀ ସାଧବ ପୁଅର ମହାରାଣୀ ହୋଇ ରହିବୁ। ଯଦି ଚାହିଁବୁ ତୁ ବିଦ୍ୟାପୀଠ କରି ସହସ୍ର ସହସ୍ର ବାଳକ ବାଳିକାଙ୍କ ଶିକ୍ଷାଦାତ୍ରୀ ହୋଇଯିବୁ। ଏହା ଅସମ୍ଭବ ନୁହେଁ, ମନେରଖ।" ଆମ୍ଭେ ତ୍ରିମୂର୍ତ୍ତି ହସିବାରେ ଲାଗିଲୁ। ତା'ସଂଗେ ସଂଗେ ମୁଁ କହିଲି, "ରେ ସୁହାସୀ, ତୁ କେବେ ଜ୍ୟୋତିଷ ବିଦ୍ୟାରେ ମହାରଥ ପ୍ରାପ୍ତ ହେଲୁ ?"

ସମସ୍ତ ପ୍ରଧାନ କାର୍ଯ୍ୟ ସମାପ୍ତ ହେଲାପରେ ଆଚାର୍ଯ୍ୟ କହିଲେ, "ସବୁକାର୍ଯ୍ୟ ସୁରୁଖୁରୁରେ ସଂପନ୍ନ ହୋଇଗଲା। ଆସ ଏ କ୍ଷୁଦ୍ର ପର୍ବତ ଉପରେ ବସିଥିବା ଲଳିତଗିରି ବିଦ୍ୟାପୀଠ ଓ ଉପାସନା ସ୍ଥଳ ବୁଲି ଦେଖିବା।" ମାର୍ଗଦର୍ଶକ କର୍ମଚାରୀଙ୍କ ନେତୃତ୍ୱରେ ସଂପୂର୍ଣ୍ଣ ସଂରଚନା (Structure) ସଂକୁଳ (Complex) ପାଦରେ ଚାଲି ବୁଲିଲୁ। ଏ ସବୁ ଭବ୍ୟ ବୃହତ କୋଠରୀ ଓ ଅନ୍ୟାନ୍ୟ ଗୃହ, ପ୍ରସ୍ତର ନିର୍ମିତ ଚୈତ, ମଠ, ସ୍ତୁପ, କ୍ଷୁଦ୍ର ସ୍ତୁପାକୃତି ସ୍ଥାପିତ ମୂର୍ତ୍ତି, ଦଣ୍ଡାୟମାନ ଓ ଉପବେସନ ହୋଇଥିବା ବୁଦ୍ଧଦେବଙ୍କ ମୂର୍ତ୍ତି ଆଦି ଦେଖିବା ଯେ କେତେ ଆନଂଦକର ତା'ର ବର୍ଣ୍ଣନା କରି ହେବ ନାହିଁ।

ଲଳିତଗିରିରେ ବିଭିନ୍ନ ସମୟରେ ମହାଯାନ, ହୀନଯାନ, ବଜ୍ରଯାନ ଆଦି ବିଭିନ୍ନ ବୌଦ୍ଧଧର୍ମର ପନ୍ଥମାନଙ୍କର ପ୍ରଚଳନ ଥିଲା। ତେଣୁ ବୁଦ୍ଧଦେବଙ୍କ ମୂର୍ତ୍ତି ଅତିରିକ୍ତ ତାରାଦେବୀ, ହରିତି, ଅମିତାଭ ବୁଦ୍ଧ, ପ୍ରଭୃତି ଅନେକ ମୂର୍ତ୍ତି ମଧ୍ୟ ବିଭିନ୍ନ ବୃହତ କୋଠରୀରେ ସ୍ଥାନିତ ହୋଇ ଗୃହମାନଙ୍କର ଧର୍ମୀୟଭାବ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲେ। ଗଣେଶ, ମହିଷାମର୍ଦ୍ଦିନୀ ଆଦି ଛବି ମଧ୍ୟ ସେଠାରେ ଦେଖାଯାଉଥିଲା। ଏ ସବୁର ମହତ୍ତ୍ୱ ଆଉ ଅଧିକ ବୃଦ୍ଧି ଘଟିଥାଏ ଯେତେବେଳେ ସ୍ୱର୍ଣ୍ଣ, ରୌପ୍ୟାଦିର ମାଳା ଓ ଅନ୍ୟ ଅଳଂକାର ପ୍ରସ୍ତରମୂର୍ତ୍ତିଙ୍କ ଅବୟବ ମଣ୍ଡନ କରୁଥିଲେ। ଏ ସବୁ ରଚନା ପ୍ରସ୍ତର ଖୋଦନଦ୍ୱାରା କରାଯାଇଥିଲା। ଏଠାକାର ଭାସ୍କର୍ଯ୍ୟ କଳା ଗାନ୍ଧାର ଓ ମଥୁରା ଶୈଳିର ଥିଲା। ଗୃହ ନିର୍ମାଣରେ ମୁଖ୍ୟତଃ ଇଟା ଓ ଅଳ୍ପ କେତେକ ସ୍ଥଳରେ ପ୍ରସ୍ତର ବ୍ୟବହୃତ ହୋଇଥିଲା। ଏପରି ସମସ୍ତ ଦର୍ଶନ କରି ଆମ୍ଭେ ସଂଧ୍ୟାବେଳକୁ ବାସସ୍ଥଳିକୁ ପ୍ରତ୍ୟାବର୍ତ୍ତନ କଲୁ।

ଏହା ଦ୍ରଷ୍ଟବ୍ୟ ଯେ ପୁଷ୍ପଗିରି ବିଶ୍ୱବିଦ୍ୟାପୀଠ ଚାରୋଟି ଗୃହ ସଂକୁଳ (House Complex)ରେ ଅବସ୍ଥିତ ଥିଲା। ଲଳିତଗିରି ବ୍ୟତୀତ ଅନ୍ୟ ଗୁଡିକ ହେଲେ ରତ୍ନଗିରି, ଉଦୟଗିରି ଓ ଲାଙ୍ଗୁଡି। (କ୍ରମଶଃ)

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ (୨)



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା। ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଞ୍ଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା। ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା। କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା । ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା। ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ ।

ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରିନଥିଲେ । ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା । ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ। ଦେଶବାସୀଙ୍କ ସାଂଘାତିକ ଦୂରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇ ପଡିଥିଲେ । ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ। ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା ।

ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା। ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଞ୍ଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା। ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା। କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା । ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା। ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ । ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ । ଫକୀରମୋହନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା' । ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ,ଏହି ମର୍ମରେ 'ଉଡିଆ ସ୍ୱତନ୍ତ୍ରଭାଷା ନୟ' ଏକ ପୁସ୍ତକ ଲେଖିଥିଲେ । ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡିଶା ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ । ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ - "ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ" । ଫକୀର ମୋହନଙ୍କ ପ୍ରଚେଷ୍ଟା ଫଳରେ ରେମୁଣାଠାରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା। ଏହି ସମୟରେ ଫକୀର ମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ। ଉତ୍କଳ ପ୍ରେସ୍‌ରେ ପ୍ରଥମଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା । ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନି ଶ' ଟଙ୍କା ପୁରସ୍କାର ପାଇଥିଲେ।

ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ । ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଟ୍, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତି କଲେ । ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ।

ଫକୀରମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍.ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ । ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତ୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ। ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍କା ଉପରେ ବସି ନିଜଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ । ଡିକ୍‌ସିନାରୀ ମାହାଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସେପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ । ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛମାସରେ ମୃତ୍ୟୁବରଣ କଲା । ଏହି ଦୁଃଖରେ ପତ୍ନୀକୁ ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ । ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି। ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ। ଫକୀରମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ, ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ, କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ, ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ, ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ ଏବଂ ଉତ୍ତରାକାଣ୍ଡ ୧୮୯୫ ଖ୍ରୀ.ଅ ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା। ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ । ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ । କେନ୍ଦୁଝର ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତି ହେଲେ। ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା । ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ । କୌଶଳ ସହକାରେ ଫକୀରମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ। ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ। ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ। (୧୯୦୨ ଖ୍ରୀ.ଅ.)

୧୮୯୪ ଖ୍ରୀ.ଅ ରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁ ଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ । କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ । 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ । 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ। 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାଗରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା । ସେ ସମୟରେ ବାଲେଶ୍ୱରରେ 'ମାମୁଁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ ।

୧୯୧୬ରେ ଫକୀର ମୋହନ ବାମଣ୍ଡାର 'ସ୍ୱରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ। ୧୯୧୭ ମସିହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢେ ପଞ୍ଚସ୍ତରୀ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ହେ ବୀର ସୁଭାଷ

**ସୁଧାକର ରାଉତ**





ରକ୍ତ ଟିକିଏ ଦିଅ ଭାଇ ମୋତେ
ସ୍ୱାଧୀନତା ଦେବି ଆଣି
ଦୃପ୍ତ କଣ୍ଠରେ କହିଥିଲେ ସିଏ
ମୁକତିର ମନ୍ତ୍ର ବୁଣି

ଫିରିଙ୍ଗି ଦଳ ହେଲେ ଆଚମ୍ବିତ
ଯୋଦ୍ଧୃ ଭାବ ତାଙ୍କ ଦେଖି
ଜାଗ୍ରତ ହେଲେ ସୁପ୍ତ ଜନତା
ଖୋଲିଗଲା ମୁଦା ଆଖି

ଦେଖିଲେ ତାଙ୍କର ଚକ୍ଷୁ ସମ୍ମୁଖେ
ଠିଆ ସେ ବିପ୍ଳବୀ ବୀର
ସ୍ୱାଧୀନତା ବୀଜ ବୁଣିଦେବା ପାଇଁ
ଶାଣିତ ତାଙ୍କର ସ୍ୱର

କେତେ ଯେ କାରା କଷଣ ସହିଲେ
ଶେଷେ ବିଦେଶରେ ରହି
ଆଜାଦ ହିନ୍ଦ ଫଉଜ ଗଢିଲେ
ପ୍ରକମ୍ପିତ ହେଲା ମହୀ

ଦିଲ୍ଲୀଚଲୋ ଆହ୍ୱାନରେ ତାଙ୍କର
ଥିଲା କେଜାଣି କି ମନ୍ତ୍ର
ମୁକତି ମଶାଲ ଜଳିଲା ହୃଦେ
ହେଲେ ଯନ୍ତ୍ରୀ ହାତେ ଯନ୍ତ୍ର

ମାତ୍ର ବିଧି ବିଧାନ କି ବିଚିତ୍ର
ତାଙ୍କ ଇପ୍ସିତ ଫଳ
ଆଶା ଖାଲି ଯାହା ଆଶାରେ ରହି
ହୋଇଲା ତାଙ୍କର କାଳ

ଭାରତ ମୁକ୍ତି ଆନ୍ଦୋଳନ ତାଙ୍କ
ଅମର ଆହୁତି ଗାଥା
ଗାଉଥିବେ ଗର୍ବେ ଦେଶ ଜନତା
ଉନ୍ନତ କରିଣ ମଥା

ଦେଶ ପାଇଁ ତୁମ ତ୍ୟାଗ ବଳିଦାନ
ତୁଳନା କା ସଙ୍ଗେ ନାହିଁ
ଫେରିଆସି ପୁଣି ବୀର ସୁଭାଷ
ତୁମକୁ ରହିଛୁ ଚାହିଁ ।

ପ୍ରତାପ ନଗରୀ, କଟକ
ମୋ- ୮୨୪୯୯୩୨୭୯୨

## ସେ ତ ସୁଭାଷ ଆମ...

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଦେଶ ପାଇଁକି ଜନମ ତାର
ଦେଶ ପାଇଁକି ମରଣ
ଦେଶ ପାଇଁକି ସାରା ଜୀବନ
କରିଥିଲା ଯେ ରଣ
ସେ ତ ସୁଭାଷ
କଥାରେ ଥିଲା ଭାରି ସାହସ
ଗୁଳିର ଜବାବ ଗୁଳିରେ ଦେଇ
ଜିତେଇଦେବା ଦେଶ

ଅଗ୍ନିସ୍ଫୁଲିଙ୍ଗ ବାଣୀ ତାହାର
ବ୍ରିଟିଶ ଦେହେ ଉଠିଲା ଥର
ନଥିଲା ଡର ତିଳେ ବି ତାର
ସଭିଙ୍କୁ କରି ଅତି ନିଜର
'ଦିଲ୍ଲୀ ଚଲ୍ଲୋ' ଡାକରା ଦେଇ
'ଆଜାଦ୍ ହିନ୍ଦ୍' ଗଢିଲେ ସେହି
ଶତ୍ରୁ ନିପାତ କରିବା ନିଶା
ହୃଦୟେ ଧରି ଅଦମ୍ୟ ଆଶା
ଲଢ଼ିଲେ ବୀର ପରି

ଦେଶ ପାଇଁକି ଦେଲେ ଜୀବନ
ଦେଶ ମାତୃକା ତା ପାଇଁ ଧନ୍ୟ
ସେ ଯେ ଏ ମାଟି ଯୋଗ୍ୟ ସନ୍ତାନ
ତା ପାଦ ତଳେ କୋଟି ପ୍ରଣାମ
ସେ ତ ସୁଭାଷ ଆମ,
ଓଡ଼ିଶା ମାଟି ଝୁରେ ବି ଆଜି
ତା ବୀର ସୁତ ଲାଗି
ନଥାଉ ପଛେ ଜୀବନେ ସିଏ
ବଳିଦାନ ତା ଚିର ଅମ୍ଳାନ
ଧନ୍ୟ ସେ ବୀର ଧନ୍ୟ
ସେ ତ ସୁଭାଷ ଆମ ।

ଦଶରଥପୁର,ଯାଜପୁର
ଫୋନ୍-୭୩୭୭୩୧୮୭୮୯

## ଭିକାରୀ



**ମନୋରଞ୍ଜନ ଦାଶ (ଟୁକୁ)**

ଜୁନ୍ ମାସ ... ଗୋଡ ଖାଲି ପୋଡ଼ି ଯାଉଥାଏ, ଦୌଡ଼ି ଦୌଡ଼ି ଚପଲଟା ପିନ୍ଧିଲି । କାର୍‌ଟା ମଧ୍ୟ ବ୍ଲାଷ୍ଟ ଫର୍ଣ୍ଣାନ୍ସ ଭଳି ଗରମ ହେଇଯାଇଥାଏ ।

ଷ୍ଟାର୍ଟ କରି ଗୋଟେ ନିଃଶ୍ୱାସରେ ଏନ୍‌ଏଚ୍ ଧରିଲି । ହଠାତ୍ ଦେଖିଲି ଏଇ ଖରାରେ ଗୋଟିଏ ଭିକାରୀ ରାସ୍ତା କଡରେ ବସିଛି, ତା ଗିନାରେ ଅଳ୍ପ କିଛି ଖୁଚୁରା ପଇସା ପଡିଥାଏ । ପାଖରେ କିଛି ଥଣ୍ଡା ପାଣି କେହି ଜଣେ ବଦାନ୍ୟ ବ୍ୟକ୍ତି ଦେଇଯାଇଥାନ୍ତି । ମୋତେ ଟିକିଏ ଦୟା ଲାଗିଲା, ପାଖରେ ଗୋଟିଏ ବଡ ବରଗଛ ତଳେ ମୋ ଆମ୍ବାସାଡାର୍ କାର୍‌ଟି ଲଗେଇ, ଧୀରେ ଧୀରେ ଭିକାରୀଟି ପାଖକୁ ଆସିଲି ... । ଭିକାରୀଟି ମୋତେ ଦେଖି ମୁଣ୍ଡ ଟିକେ ଉଠେଇକି ଅନେଇଲା ... । ଓ ମାଇଁ ଗଡ଼... ସନିଆ ତୁ ଏଠି କଣ ... ମୁଁ ଚିତ୍କାର କରି କହିଲି ... ।

ଖୁବ୍ ଜୋର୍‌ରେ ସେ ଭିକାରୀ (ସନିଆ)ଟି କାନ୍ଦିବାକୁ ଲାଗିଲା ... । କହିଲା ସାନ ବାବୁ କି ??? ପୁଣି କାନ୍ଦିବାକୁ ଲାଗିଲା ... ।

ସାଙ୍ଗେ ସାଙ୍ଗେ ପାଖରେ ଥିବା କିଛି ଲୋକ ରୁଣ୍ଡ ହେଇଗଲେ, ସାର୍ କଣ ହେଲା କଣ ହେଲା ... । ମୁଁ ନିର୍ବାକକ ହେଇ ରାସ୍ତାରେ ବସିଗଲି ... । ଆଖିରୁ ମୋର ଝର ଝର ଲୁହ ବୋହୁଥାଏ ... ।

କିଛି ନାହିଁ ମ ... ଏଇ ଲୋକଟି ଆମ ଗାଁ ପାଖର ସନିଆ । ଆମେ ତା ପାଖରେ ରହି ବଢ଼ିଛୁ, ତାର ଆଜି ଏମିତି ଅବସ୍ଥା ... ।

ମୁଁ ସାଙ୍ଗେ ସାଙ୍ଗେ ଆମ୍ବୁଲାନ୍ସ ଡାକି ସନିଆକୁ ଆମ ଘର ଇନ୍‌ଫୋ ସିଟିକୁ ନେଇ ଆସିଲି । ମୋ ସ୍ତ୍ରୀ... ଡକ୍ଟର... ସେ ହସ୍ପିଟାଲ୍ ଯାଇଥିଲା । ଘରେ କେହି ନାହାନ୍ତି । ଆମ ପୁଅ - ବୋହୂ ଲଣ୍ଡନ୍‌ରେ ରହନ୍ତି, ମୋର ଥ୍ରୀ ଷ୍ଟୋରେଡ୍ ଘରଟା ଖାଲି ଥିଲା ।

ଆମ ଘର ମାଳିକୁ କହିଲି, ଏଇ ଲୋକଟି ଆମ ଘରର ସନାତନ କକେଇ ।

ସେ ରାସ୍ତା କଡ଼ରେ ବସିଥିଲେ, ତାଙ୍କୁ ବୟସ ୮୦-୮୫ ହେବ । ତାଙ୍କର ଦେଖା ରେଖା ଆଜିଠାରୁ ତୋର ଭାର ।

ସନ୍ଧ୍ୟାରେ ସୁମିତ୍ରା ହସ୍ପିଟାଲ୍‌ରୁ ଫେରିଲେ । ମୁଁ କହିଲି ... ସୁମି ଆମ ବାହାଘରରେ ଜଣେ ସନାତନ କକେଇ ଆମର ସବୁ କାମ କରୁଥିଲେ, ମନେ ଅଛି ?

ସୁମିତ୍ରା ମୋତେ ବୋକା ଭଳି ଅନେଇଲେ... ହଁ ସେ ତ କୋଉ କାଳର କଥା, କଣ ହେଲା ... ଏତେ ଭଲ ଲୋକଟା ବଞ୍ଚିଛି ନା ନାହିଁ କେଜାଣି ?

ମୁଁ ସକାଳର ସବୁ କଥା କହିଲି । ସୁମି ପିଲାଙ୍କ ଭଳି ଦୌଡ଼ି ଆମର - ଆଉଟ୍ ହାଉସ୍‌କୁ ଚାଲିଗଲେ .... ।

ଗୋଟିଏ ରୁଗ୍‌ଣ ମଣିଷ କୁର୍ତ୍ତା ପାଇଜାମା ପିନ୍ଧି ଶୋଇଥିଲା... ।

ସକାଳୁ ଉଠି ଦେଖିଲି 'ସନିଆ' ଆମ ବଗିଚାରେ ବସି ଘାସ ଓପାଡୁଛି ।

ମୁଁ ସନିଆ କା (ମୁଁ ତାଙ୍କୁ ସେଇ ନାରେ ଡାକୁଥିଲି)କୁ ପାଖରେ ଯାଇ କହିଲି ... ବଞ୍ଚିଥିବା ପର୍ଯ୍ୟନ୍ତ ଆମକୁ ଛାଡ଼ି କୁଆଡେ ଆଉ ଯିବନି, ଏବେ ଏଇ ଘର ତମର ...

ସନିଆ ଆଖିରୁ ଧାର ଧାର ଲୁହ ଗଡୁ ଥାଏ ... ମୁଁ ଆକାଶକୁ ଅନେଇଲି, ଦେଖିଲି ବୋଉ ଯେମିତି ମୋତେ ଦେଖି ଆଶୀର୍ବାଦ କରୁଛି .... ।

ପାଖରୁ ମୁକେଶଙ୍କ ସେଇ ଗୀତଟି ବାଜି ଚାଲିଥିଲା 'କିସିକା ମୁସ୍କୁରାହଟ୍ ମେ ...' ।

## ଧନ୍ୟ ସେ ସୁଭାଷ ବୋଷ

**ପ୍ରଦୀପ୍ତ କୁମାର ଦାସ**



ଜନକ ତାଙ୍କର ଜାନକୀନାଥ ଯେ
ଜନ୍ମଦାତ୍ରୀ ପ୍ରଭାବତୀ -
ନେତାଜୀ ନାମରେ ପରିଚିତ ସିଏ
ସବୁଠି ତାଙ୍କର ଖ୍ୟାତି,
କଟକ ସହର ଓଡ଼ିଆ ବଜାର
ତାଙ୍କ ପୁଣ୍ୟ ଜନ୍ମପୀଠ -
ସେଇଠାରେ ସିଏ ଖେଳିଥିଲେ ଖେଳ
ପଢ଼ିଥିଲେ ପୁଣି ପାଠ,
ବାଲ୍ୟତ କାଳରୁ ବିପ୍ଳବ ତାଙ୍କର
ଥିଲା ପ୍ରିୟ ସହଚର -
ସତ୍ୟ ଧର୍ମ ନ୍ୟାୟ ପଥକୁ ଆଦରି
ହେଉଥିଲେ ଅଗ୍ରସର,
ହେବା ପାଇଁ ନେତା ସକଳ ଦକ୍ଷତା
ଥିଲାତ ତାଙ୍କରି ଠାରେ -
ଅସୀମ ସାହସ ଗଭୀର ବିଶ୍ୱାସ
ଭରିଥିଲା ହୃଦୟରେ,
ଗୁରୁବାକ୍ୟ ପରି ମାନୁଥିଲେ ସେତ
ପିତାମାତାଙ୍କର କଥା -
କେବେହେଲେ ଥରେ ଅନ୍ୟାୟ ପାଖରେ
ନୁଆଁଉ ନଥିଲେ ମଥା,
ତାଙ୍କ ଚହାଣୀରେ ହେଉଥିଲା ବାରି
ଶତ ସିଂହର ବଳ -
ତାଙ୍କ ହୁଙ୍କାରରେ ଫିରିଙ୍ଗି ଆସନ
ହୋଇଥିଲା ଟଳମଳ,
ଦେଶ ରକ୍ଷା ପାଇଁ ବିଦେଶ ଭୂଇଁରେ
କରିଥିଲେ ଯାଇ ମେଳି -
ଦେଶ ସେବା ପାଇଁ ନିଜ ସୁଖ ଶିରୀ
ଦେଇଥିଲେ ସବୁ ବଳି,
ଆଜାଦ ହିନ୍ଦ୍ ଫୌଜ ନାମରେ
ସେନା ବାହିନୀଟେ ଗଢ଼ି -
ଦିଲ୍ଲୀ ଚଲୋର ଡ଼ାକରା ଦେଇ ସେ
ଦେଶକୁ ଆସିଲେ ମାଡ଼ି -
ରକ୍ତ ଦିଅ ମୋତେ ଦେବି ସ୍ୱାଧୀନତା
ଥିଲା ତାଙ୍କ ମହାବାଣୀ -
ଉଦାର ପଣରେ ସବୁରି ପରାଣ
ନେଉଥିଲେ ସେତ କିଣି,
ମୁକ୍ତି ସଂଗ୍ରାମର ସବୁ ଦୁଃଖ କ୍ଳେଶ
ସାଦରେ କୋଳେଇ ନେଇ -
ହୋଇଲେ ଅମର ସାଜି ମହାବୀର
ତାଙ୍କର ତୁଳନା ନାହିଁ,
ତାଙ୍କ ମହିମାର ମଧୁର ମହକ
ମୋହିନିଏ ଆଜି ପ୍ରାଣ -
ସବୁରି ମନକୁ କରେ ପ୍ରଭାବିତ
ତାଙ୍କରି ମହତ ଗୁଣ,
ତାଙ୍କ ବୀରତ୍ୱର ଅମର ଗାଥାକୁ
ଘୋଷେ ଆଜି ସାରା ବିଶ୍ୱ -
ଓଡ଼ିଆ ଜାତିର ମଉଡମଣି ସେ
ଧନ୍ୟ ସେ ସୁଭାଷ ବୋଷ ।

ଅଧ୍ୟାପକ, କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର, ଯାଜପୁର-୭୫୫୦୧୩
ମୋ-୮୫୯୪୮୮୫୮୯୮



## ସ୍ୱରାଜ ଦିବସ ଆସୁଛି ମିତ

**ରାମଚନ୍ଦ୍ର ବେହେରା**

ସ୍ୱରାଜ ଦିବସ ଆସୁଅଛି ମିତ
ହସୁଛି ଭାରତ ଭୂଇଁ
ଗଣତନ୍ତ୍ର ରାଷ୍ଟ୍ର ମାନ ମହତକୁ
ଅକ୍ଷୁଣ୍ଣ ରଖିବା ପାଇଁ
ଧନ୍ୟ ତାର ସମ୍ବିଧାନ
ତିନି ସ୍ତମ୍ଭେ ଠିଆ ଶାସନ ବ୍ୟବସ୍ଥା
ଦିଅନ୍ତି ସର୍ବେ ସମ୍ମାନ
ଜାତୀୟ ସଂହତି ଦେଶ ଅଖଣ୍ଡତା
ବଜାୟ ରଖିବା ପାଇଁ
ନୀତି ନିୟମର ହେଲା ପ୍ରଣୟନ
ସମ୍ବିଧାନ ରୂପ ନେଇ
ସୁନାର ଦେଶ ଭାରତ
ଧର୍ମ ନିରପେକ୍ଷ ନୀତି ଆପଣାଇ
ହେଉଛୁ ଆମେ ଶାସିତ
ଭେଦଭାବ ଭୁଲି ଏକତା ମନ୍ତ୍ରରେ
ପାଳିବେ ସର୍ବେ ଏ ପର୍ବ
ସାର୍ବଭୌମତାର ତ୍ରିଂରଗା ଉଡିବ
ମନରେ ନଥିବ ଗର୍ବ
ଜାତୀୟ ସଂଗୀତ ଗାଇ
ସାରା ଦେଶବାସୀ ଶପଥ କରିବେ
ଦେଶର ବିକାଶ ପାଇଁ
ଦିଲ୍ଲୀ ନଗରୀରେ ସମସ୍ତ ରାଜ୍ୟର
ପ୍ରତିଯୋଗୀ ହେବେ ଠୁଳ
ନିଜ ରାଇଜର ଶ୍ରେଷ୍ଠ କଳାକୃତି
ଦେଖାଇବେ ହୋଇ ମେଳ
ଆସ ଏ ପବିତ୍ର ଦିନେ
ଆମ ସମ୍ବିଧାନ ସଭ୍ୟତା ସଂସ୍କୃତି
ସାଇତି ରଖିବା ମନେ ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୫୩୪୩୪୬

## ଦେବୀ

**ନିବେଦିତା ମିଶ୍ରଗୁରୁ**

ଓଠର ଏରୁଣ୍ଡି ବନ୍ଧରେ
ଟଣା ଶକ୍ତ ଲକ୍ଷ୍ମଣ ରେଖା
ନଜର ବନ୍ଦୀ ମନତଳ ଅକୁହା ଶବ୍ଦ ସବୁ
ଛଟ ପଟ ଆସିବାକୁ ପ୍ରକାଶକୁ
ଆବେଗ ସବୁ ଲହୁ ଲୁହାଣ
ପରସ୍ତ ପରସ୍ତ କଠିନ ମୂଖା ପଛ ଆଡେ
ଅସହାୟତାର ଗମ୍ଭୀରୀ ଭିତରେ
ଶ୍ୱାସରୁଦ୍ଧ ଜୀବନ ତିଳ ତିଳ ଜଳେ
ଅନ୍ଧାର ଘନେଇ ଆସିଲା ପରେ
ପିଆଜ ଚୋପା ପରି ଧୀରେ ଖୋଲେ
ମୁଖାର ପରସ୍ତ
ନିଜେ ହିଁ ଜାଳିଦିଏ ସେ ଅନ୍ତରାଗ୍ନିରେ
ଯେତେ ସବୁ ସ୍ୱପ୍ନ ଯେତେ ଆଶା
ଲେଲିହାନ ଶିଖା ଛୁଇଁ ଯାଏ
ଅନ୍ଧାରି ଆକାଶର ଛାତିକୁ
ଜମାଟ ବାନ୍ଧିଥିବା କୋହ ସବୁ
ତରଳି ଅଶ୍ରୁ ପାଲଟେ
ନିଜ ଅଶ୍ରୁରେ ହିଁ ସ୍ନାନ କରେ ସେ
ଅନ୍ଧାରୀ କୋଠରୀ ଭିତରେ
କ୍ଷତାକ୍ତ କରେ ନିଜକୁ
ଚନ୍ଦନ ପରି ମାଖି ହୁଏ ନିଜ ରକ୍ତ
ଧୀରେ ଧୀରେ ସେ ପଥର ପାଲଟେ
ତା ଅଜାଣତରେ ହିଁ ସେ
ଦିନେ ଦେବୀ ପାଲଟେ
ଏମିତି ଦେବୀ ପାଲଟି ଯିବା ହିଁ ତ
ଚରମ ସୌଭାଗ୍ୟ ତାର ।

ମାଲାଡ ୱେଷ୍ଟ, ମୁମ୍ବାଇ

## ତୁମେ ଓ ମୁଁ

**ସଞ୍ଜୟ ଖେମୁଣ୍ଡୁ**

ତୁମେ ମୋନାଲିସାର ଯାଦୁଗରୀ,
ରହସ୍ୟମୟୀ ଚିପା ଚିପା ହସ
ଆଉ ମୁଁ ସେଇ ହସକୁ ନେଇ
କବିତା ଲେଖିବି ଭାବି
ଶବ୍ଦ ଖୋଜି ହେଉଥିବା
ଜଣେ ନିରୀହ ମଣିଷ

ସେ ହସକୁ ନେଇ ମୁଁ କବିତା
ଲେଖିପାରେ କି ନା, ଜାଣେନା
ହେଲେ କବିତା ଲେଖିବା ବାହାନାରେ
ମୁଁ କିନ୍ତୁ ମୋନାଲିସା ହୃଦୟର
ଅଦୃଶ୍ୟ ଜଖମକୁ
ଆଖି ଭରିକି ଦେଖିପାରେ
ଏକଥା ଜଣେ କବି ଛଡ଼ା
ଆଉ କେହି ବୁଝି ପାରେନା

ତେଣୁ
ତୁମେ ଏକ ବହି ଚାଲିଥିବା ଚିରନଈ
ମୁଁ ଏକ ତୃଷାର୍ତ୍ତ ମରୁଭୂଇଁ
କୁହ ଗୋ ସଜନୀ
କେବେ ତୁମେ ବହିବ ମୋ ବାଟ ଦେଇ ?
ମଳା ରାଗ ରାଗିଣୀ ବି ଚେଇଁ ଉଠନ୍ତେ
ତୁମ ଅନ୍ନପୂର୍ଣ୍ଣା ହାତର ପ୍ରୀତି
ଆଶ୍ଳେଷ ପାଇ ।

ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା,ମୟୁରଭଞ୍ଜ
ଫୋନ୍-୭୮୫୪୦୧୦୫୧୯



## ଅଭିମାନୀ

**ଦୀପକ କୁମାର ନାୟକ**



ମୋତେ ଦୋଷଦେଲେ କିହେବରେ ଭକ୍ତ
କପାଳେ ତୋ ଦୁଃଖ ଲେଖା
କପାଳ ଲିଖନ କେ କରିବ ଆନ
ଯୁଗେ ଯୁଗେ ଅଛି ଲେଖା

ମୁହିଁ ପରା ନିଜେ ଦୁଃଖ ଭୋଗି ଅଛି
ବନରେ ଚଉଦ ବର୍ଷ
ଆଉ କାହା କଥା କହିବି କାହିଁକି
ଭୋଗିଛି ମୁଁ ନିଜେ କଷ୍ଟ

ଜନମ ହୋଇଛି ପରା ବନ୍ଦୀ ଶାଳେ
ଦୁଃଖକୁ ସାଙ୍ଗରେ ଧରି
ଦାନା ମୁଠେ ପାଇଁ କେତେ ଯେ ବୁଲିଛି
ଭାଗ୍ୟକୁ ମୋର ଆଦରି

ଦୋଷ ତୋ ଉପରୁ ଉଠେଇ ତୁ ଦେଉ
ସଭିଏଁ ଏକଥା ଜାଣନ୍ତି
ମିଛଟାରେ କଣ ଲୋକମାନେ ତୋତେ
ଛଳିଆ ବୋଲିକି କୁହନ୍ତି

କପାଳ ଲିଖନ କେ କରିବ ଆନ
ଗପ କହି ସବୁ ଯୁଗରେ
ନିଜର ଦୋଷତୁ ଅନ୍ୟ ଠାରେ ଦେଉ
ଏହା ପରା ତୋ ଚରିତ୍ରରେ

ଯେତେବେଳେ ଦୁଃଖ ଦୁଃଖେ ପଡିଥାଇ
ଡାକିଥାଏ ତୋତେ ବାହୁନି
ମିଛ ନାମ ବହି ବସିଛୁ କାଳିଆ
ଖରାପ କି ତୋତେ ଲାଗୁନି

ଭାଗ୍ୟେ ଯଦି ମୋର ଦୁଃଖ ରହିଅଛି
ତୋତେ କାହିଁ ମୁହିଁ ଭଜିବି
ଭଜିବା ଅପେକ୍ଷା ସେ ସମୟତକ
ଆଉ ତ କିଛି ମୁଁ କରିବି

ରୋକ୍ ଠୋକ୍ କଥା କହୁଅଛି ବୋଲି
ରାଗିବୁନି ଜମା କାଳିଆ
ଏଇ ରୋକ୍ ଠୋକ୍ କଥା ପାଇଁ କେତେ
ସାଜିଛି ମିଛରେ ବେଳଜ୍ୟା

କେହି ଯଦି ଭଲପାଉଅଛି ମୋର
ରୋକ୍ ଠୋକ୍ କଥା ଗୁଡିକ
ଆଉ ପୁଣି କେହି ଗାଳି କରନ୍ତିରେ
ମୁଣ୍ଡପାତି ସହେ ସେତକ ।

ଗଣ୍ଡାନାଳୀ, ହିନ୍ଦୋଳ, ଢ଼େଙ୍କାନାଳ
ମୋବାଇଲ୍-୮୬୩୭୨୬୧୮୨୮

## ଜାଡ଼ କରୁଛି ଜଡ଼

**ଧ୍ରୁବ ଚରଣ ଘିବେଲା**




ସକାଳୁ ସକାଳୁ
ପକେଇ ହେଉନି ପାଦ
କାକରଭିଜା ଘାସ ଉପରେ
ଥୋଇଲା ମାତ୍ରକେ
କାଲେଇ ଯାଉଛି ପାଦ
ନଥିଲା ଭଳି ତ ଲାଗେ
କେବେ କେବେ
ହୁଏ କାଠ ପ୍ରାୟ
ପାଣିରେ ମୁହଁ ଧୋଇବା ବି
ଯନ୍ତ୍ରଣାଦାୟକ
ହାତକୋଲ ମାରିଯାଏ
କାଲୁଆ ଜାଡ଼ରେ
ଦେହ ଥରେ
ଚରିଯାଏ ଜାଡ଼
ତମାମ ଦେହରେ
ଉପର ତଳ ଦାନ୍ତ
ଠୁକୁଠୁକୁ ବାଜେ
ନାହିଁନଥିବା ଜାଡ଼କୁ
ଜ୍ଞାନ ହଜେ
ମୋଟାମୋଟି ଭାବେ
ଜାଡ଼ କରୁଛି ଜଡ଼
କଲବଲ ହେଉଛି ଜୀବନ
ସନ୍ତୁଳି ହେଉଛି
ରାତିକୁ ଦିନ
ମନକୁ ମନ ପୁଣି
କହିବାକୁ ହୁଏ
ଓଃ, ସତରେ କି ହାଡ଼ଭଙ୍ଗା ଜାଡ଼
କରୁଛି ସମସ୍ତଙ୍କୁ ଖୁବ ଲଡ଼ବଡ଼
ଅସହାୟ ଯେମିତି
ରାତିକୁ ଶୀତବସ୍ତ୍ର
ନିଅଣ୍ଟ ପଡୁଛି ସେମିତି ।

ବଉଦରାଜ, ବୌଦ୍ଧ
ମୋ-୯୪୩୭୪୭୮୪୬୬

## କବିତା ନୁହେଁ ମୁଁ ନିଜକୁ ଲେଖେ

**ମଧୁସ୍ମିତା ନାୟକ**



ଦିନ ପରେ ଦିନ ବିତେ
ଘଟଣା ଦୁର୍ଘଟଣା ଅତୀତ ହୁଏ
ମନ ଯେବେ ନିରୋଳାରେ ବସେ
ମାନସପଟ୍ଟରେ କିଛି ସ୍ମୃତି ଆଙ୍କି ଦିଏ
ସରିଯାଇଥିବା କଲମରେ କାଳି ପୁରେଇ ଦେଖେ
ଚାଲିବାକୁ ସେ ଭାରି ବ୍ୟଗ୍ର ହୁଏ
ସାଧା କାଗଜରେ ଚାଲୁ ଚାଲୁ ସେ ପଚାରେ
ହୃଦୟ ତମର ସାହାରା କାହିଁକି ମୋର ନିଏ
ହସି ଦେଇ କୁହେ ମୁଁ କବିତା ନୁହେଁ ନିଜକୁ ଲେଖେ

ମନ ଆକାଶରେ ଉଡ଼ିବୁଲେ
ସୂକ୍ଷ୍ମ ହୃଦୟ ପକ୍ଷୀଟିଏ
ଇନ୍ଦ୍ରଧନୁ ସାଥେ ଖେଳି ବୁଲେ
ସତେ କି ନିରୀହ ଶିଶୁଟିଏ
ଦୁଃଖକୁ ଭୋଗେ ଦୁଃଖକୁ ଶୁଣେ
ସତେକି ଭସା ବାଦଲ ସିଏ
ବଜ୍ରାଘାତରେ ଯେବେ ହୃଦୟ ଜଳେ
ଅଦିନରେ କେଇ ଟୋପା ବରଷି ଯାଏ
ସେତେବେଳେ ମୁଁ କବିତା ନୁହେଁ ନିଜକୁ ଲେଖେ

ମୁଁ ପୂର୍ଣ୍ଣିମାର ଚାନ୍ଦକୁ ଖୋଜେ
ସେ ଅମାବାସ୍ୟାକୁ ଭଲପାଏ
ମୁଁ ସୂର୍ଯ୍ୟାଲୋକକୁ ଚାହେଁ
ସେ ଅନ୍ଧକାରକୁ ଭିଡ଼ି ଧରୁଥାଏ
ଛାଇ ଆଲୁଅର ଖେଳ ସତେ
ମତେ ଏପାଖ ସେପାଖ କରୁଥାଏ
ମନ ମସ୍ତିଷ୍କର ମାନ ଅଭିମାନରେ
ଜୀବନର ଦୀପ ଶିଖା ଲିଭି ଲିଭି ଜଳୁ ଥାଏ
ନିଜକୁ ବୁଝେଇ ମୁଁ କବିତା ନୁହେଁ ନିଜକୁ ଲେଖେ

କ୍ଷତ ହୁଏ ସୁଖେ ପୁଣି ରକ୍ତ ଝରେ
ମଲମ ବି ବେଳେ ଅଧେ ଦେଖି ଡରିଯାଏ
ଲୁହରେ ସାରା ରାତି ତକିଆ ଭିଜେ
ସୁନେଲି ଆଭାରେ ହସ ଚମକୁଥାଏ
ଓଦା ଆଖିର ସୁନ୍ଦରତା ଯେତେ କଥା କୁହେ
ଯନ୍ତ୍ରଣା ଲୁଚା ଓଠର ହସ ସେତେ ମନ ଲୋଭାଏ
ଜୀବନ ଯେବେ ଲୁଚକାଳି ଖେଳେ
ଆତ୍ମା ବି ନୂଆ ଶରୀର ଖୋଜିବାକୁ ବାଧ ହୁଏ
କୋହ ଭରା ହୃଦୟରେ ମୁଁ କବିତା ନୁହେଁ ନିଜକୁ ଲେଖେ ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଡ଼ସାହି, ମୟୂରଭଞ୍ଜ-୭୫୭୦୨୬
ମୋ- ୯୩୩୭୪୩୮୪୭୯

## ଭାଗ୍ୟ ବନାମ କର୍ମଫଳ

**ବିନୟ ମିଶ୍ର**



ମାଙ୍କେଡିଆ ବେତ ନିର୍ଦ୍ଦେଶେ ମାଙ୍କଡ
ମଝି ଦାଣ୍ଡେ ନାଚୁଥାଏ,
ଏକ ହାତେ ଡୋର ଏକ ହାତେ ବେତ
ଗୀତ ପଦେ ପଦେ ଗାଏ
ପାତି ସିନା ନାଚି ଥାଏ,
ହନୁ କେବେ ହେଲେ ନାଚେ ନାହିଁ କାହିଁ
ବିଚିତ୍ର କଥାଟି ଇଏ

ନିଜ ଜୀବନର ପୁସ୍ତିକା କାଖରେ
ଜାକି ବୁଲୁ ଅଛି ଜୀବ,
ନିତି ପଢୁ ଅଛି ପୃଷ୍ଠାଟିଏ କାଢି
ଅଭିନୟ ଯାହା ଥିବ

ନିତ୍ୟ ଅଭିନୟ ସରାଇ ନିଜକୁ
ତାରିଫ କରଇ ବସି,
କେତେ ସଫଳତା କେତେ ବିଫଳତା
ବିଧାତା ଦିଅନ୍ତି ହସି

ଲେଖା ଥିଲା ଯାହା ଲିଭାଉଛୁ ନିତି
ଜୀବନ କଳାପଟାରୁ,
କର୍ମ ଫଳ ଯାହା ଭୋଗୁଅଛୁ ସିନା
ନିଜେ ନିଜର କର୍ମରୁ ।

ଖୋର୍ଦ୍ଧା

## 'ଶୀତ ଗୋଟେ ଋତୁ ନୁହେଁ...'

**ସତ୍ୟବ୍ରତ ସାହୁ**



ଶୀତ ଗୋଟେ ଋତୁ ନୁହେଁ ଅଲାଜୁକୀ ଝିଅ
ଅଝଟ ଅବୁଝା ସତେ ଭରା ନଈ ସୁଅ (୦)
କୁହୁଡ଼ି ଓଢ଼ଣା କରି ଥିରି ଥିରି ଆସେ
ନିହାତି ଆପଣା ପରି ଦେହେ ଲାଗି ବସେ
ଆଲିଙ୍ଗନ କରି କହେ ମୋତେ ଆପଣେଇ ନିଅ
ଶୀତ ଗୋଟେ ଋତୁ ନୁହେଁ...(୧)
ଜିଦି କରେ ମୋ' ସହିତ ଥିବ ସବୁବେଳେ
ସକାଳେ ସଞ୍ଜରେ ପୁଣି ପ୍ରିୟା ଥିବା ବେଳେ
କେମିତି ଆପଣାଇବି ସେତ ସବୁଦିନ ନୁହଁ
ଶୀତ ଗୋଟେ ଋତୁ ନୁହେଁ...(୨)
ଶୀତ ଗୋଟେ ଋତୁ ନୁହେଁ ଅଲାଜୁକୀ ଝିଅ
ଅଝଟ ଅବୁଝା ସତେ ଭରା ନଈ ସୁଅ (୦)

ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର
ମୋ- ୮୯୧୭୨୭୩୫୪୫

# ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ ଅନ୍ତିମ କ୍ୱାର୍ଟର ଫାଇନାଲ : ସେମି ଫାଇନାଲରେ ଭାଇଜାଗ ଦଳ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୩୬ତମ ସର୍ବ ଭାରତୀୟ ଲାଲ୍ ମନି କ୍ରିକ୍ ଫେଷ୍ଟ ବି ପୁଲ୍‌ର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭାଇଜାଗ୍ ଦଳ ଦିଲ୍ଲୀ ବିରୁଦ୍ଧରେ ଉଭୟ ଟି-୨୦ ଓ ଟି-୧୦ ମ୍ୟାଚରେ ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ କୋଡ଼ିଏ ଓଭର ମ୍ୟାଚ୍‌ରେ ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ଭାଇଜାଗ୍ ଦଳକୁ ୧୫୧ ରନ୍ ଟାର୍ଗେଟ ଦେଇଥିବା ବେଳେ ଭାଇଜାଗ ଦଳ ୧୫.୨ ଓଭରରେ ଲକ୍ଷ୍ୟ ହାସଲ କରି ମ୍ୟାଚ ବିଜୟୀ ହୋଇଥିଲା। ଟି-୧୦ ଫର୍ମାଟ ମ୍ୟାଚ୍‌ରେ ପୁଣି ଦିଲ୍ଲୀ ଦଳ ପ୍ରଥମେ ବ୍ୟାଟିଂ କରି ୯୨ ରନ୍ ଟାର୍ଗେଟ ରଖିଥିଲା ଭାଇଜାଗ ଦଳ ସମ୍ମୁଖରେ। ଭାଇଜାଗ ଦଳ କିନ୍ତୁ ୯.୫ ଓଭରରେ ଲକ୍ଷ୍ୟ ହାସଲ କରିବାରେ ସକ୍ଷମ ହୋଇ ଟୁର୍ଣ୍ଣାମେଣ୍ଟ ସେମି ଫାଇନାଲ ଜାଗାକୁ ପକ୍କା କରିଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଭାଇଜାଗ ଦଳର ଟି. ସାଇକୁ ଶୁକ୍ରବାରର ଅତିଥି ପୁଲବନ ମହାପାତ୍ର ଓ ରୂପେଶ ଅଗ୍ରୱାଲଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା, ସତ୍ୟ ପ୍ରସାଦ ରଥ ଖେଳ ପରିଚାଳନା କରିଥିବା ବେଳେ ପ୍ରଦୀପ୍ତ ସେଠି, ବିଶ୍ୱ ନାଥ ନାଏକ, ଦିନେଶ ଘିବିଲା ସ୍କୋରର ଥିଲେ। ବି.ଏସ୍. ରାଉ, ଅଚ୍ୟୁତ ମିଶ୍ର, ପାର୍ଥ ସାରଥି ଦାଶ, ପ୍ରକାଶ ପାତ୍ର ପ୍ରମୁଖ ଖେଳର ପ୍ରତ୍ୟକ୍ଷ ଧାରା ବିଦେଶୀ ପ୍ରଦାନ୍ କରିଥିଲେ।

# ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ' ଇଅର : ବୁମ୍‌ରାଙ୍କ ସମେତ ୩ ଭାରତୀୟ ସାମିଲ

**ନୂଆଦିଲ୍ଲୀ**



୨୦୨୪ ମସିହା ଟେଷ୍ଟ କ୍ରିକେଟ୍ ଦୃଷ୍ଟିରୁ ଅନେକ ଉପଲବ୍ଧିର ବର୍ଷ ଥିଲା। ଟେଷ୍ଟ କ୍ରିକେଟ୍ ପାଇଁ ଦର୍ଶକଙ୍କ ଭଲ ପାଇବା ମଧ୍ୟ ବଢିଥିଲା। କିଛି ଖେଳାଳି ନିଜ ପ୍ରଦର୍ଶନରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ନିଜ ନିଜ ଟିମ୍‌ର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଏହାରି ଭିତରେ ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ' ଇଅର ଘୋଷଣା କରିଛି। ଆଇସିସି ଶୁକ୍ରବାର ଆଇସିସି ଘୋଷଣା କରିଥିବା ଟିମ୍‌ରେ ତିନି ଜଣ ଭାରତୀୟ ଖେଳାଳିଙ୍କୁ ସ୍ଥାନ ମିଳିଛି। ଅନ୍ୟପଟେ ଅଷ୍ଟ୍ରେଲିଆର କେବଳ ଜଣେ ଖେଳାଳିଙ୍କୁ ଟିମରେ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆର ଅଧିନାୟକ ପ୍ୟାଟ କମିନ୍ସଙ୍କୁ ଟିମ୍‌ର କ୍ୟାପଟେନ କରାଯାଇଛି। ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ' ଇଅରରେ ଟିମ୍ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୈସ୍ୱାଲଙ୍କୁ ଓପନିଂରେ ସ୍ଥାନ ମିଳିଛି। ଦ୍ୱିତୀୟ ଓପନର ଭାବେ ଇଂଲଣ୍ଡର ବେନ୍ ଡକେଟ୍‌ଙ୍କୁ ସ୍ଥାନ ମିଳିଛି। ଜୈସ୍ୱାଲ ପାଇଁ ୨୦୨୪ ମସିହା ଭାରତର ଅନ୍ୟ ବ୍ୟାଟରଙ୍କ ତୁଳନାରେ ଭଲ ବିତିଛି। ଗତ ବର୍ଷ ସେ ୨୯ଟି ଟେଷ୍ଟ ଇନିଂସରେ ୫୪.୭୪ ହାରରେ ୧୪୭୮ ରନ୍ କରିଥିଲେ। ଏଥିରେ ତାଙ୍କ ବ୍ୟାଟରୁ ୨ଟି ଶତକ ଏବଂ ୯ ଅର୍ଦ୍ଧଶତକ ସାମିଲ ଥିଲା। ଜୋ ରୁଟ୍‌ଙ୍କ ପରେ ସେ ସବୁଠୁ ଅଧିକ ରନ୍ କରିବା ସୂଚୀରେ ସେ ଦ୍ୱିତୀୟ ସ୍ଥାନରେ ଥିଲେ।

ଟିମ୍ ଇଣ୍ଡିଆ ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡ଼େଜା ଆଇସିସିର ଏହି ଟିମ୍‌ରେ ସ୍ଥାନ ପାଇଛନ୍ତି। ଜାଡେଜା ଗତ ବର୍ଷ ୧୮ ଇନିଂସରେ ଗୋଟିଏ ଶତକ ଏବଂ ୩ ଅର୍ଦ୍ଧଶତକ ସମେତ ମୋଟ ୫୨୭ ରନ୍ କରିଥିଲେ। ଏହାସହ ୨୧ ଇନିଂସରେ ୪୮ ୱିକେଟ୍ ବି ହାସଲ କରିଥିଲେ। ସେହିପରି ୨୦୨୪ ଟିମ୍ ଇଣ୍ଡିଆ ପାଇଁ ସବୁଠୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଯଶପ୍ରୀତ ବୁମ୍‌ରା ମଧ୍ୟ ଟିମର ସଦସ୍ୟ ଅଛନ୍ତି। ବୁମ୍‌ରା ୨୦୨୪ରେ ୨୬ ଇନିଂସରେ ସବୁଠୁ ଅଧିକ ୭୧ ୱିକେଟ୍ ହାସଲ କରିଥିଲେ। ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ ଇଅରରେ ଇଂଲଣ୍ଡର ୪, ଭାରତର ୩, ନ୍ୟୁଜିଲାଣ୍ଡର ୨ ଖେଳାଳି ଅଛନ୍ତି। ଅନ୍ୟପଟେ ଅଷ୍ଟ୍ରେଲିଆ ଏବଂ ଶ୍ରୀଲଙ୍କାରୁ ଜଣେ ଜଣେ ଖେଳାଳିଙ୍କୁ ସ୍ଥାନ ମିଳିଛି।

ଆଇସିସି ଟେଷ୍ଟ ଟିମ୍ ଅଫ୍ ଦ ଇଅର : ପ୍ୟାଟ୍ କମିନ୍ସ (ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ବେନ୍ ଡକେଟ୍, କେନ୍ ୱିଲିୟମ୍ସନ୍, ଜୋ ରୁଟ୍, ହ୍ୟାରି ବ୍ରୁକ୍, କାମିଣ୍ଡୁ ମେଣ୍ଡିସ୍, ଜାମି ସ୍ମିଥ୍ (ୱିକେଟ୍ କିପର), ରବିନ୍ଦ୍ର ଜାଡ଼େଜା, ମ୍ୟାଟ୍ ହ୍ୟାନେରୀ ଏବଂ ଜଶପ୍ରୀତ ବୁମ୍‌ରା।

# ଆଠଗଡ଼ ଛାତ୍ର ଜାତୀୟ ବକ୍ସିଂ ଚାମ୍ପିଅନସିପ୍ ପାଇଁ ମନୋନୀତ



**ଆଠଗଡ଼**

ଆଠଗଡ଼ର ଜଣେ ଛାତ୍ର ଜାତୀୟ ବକ୍ସିଂ ଚାମ୍ପିଅନସିପ୍‌ରେ ଭାଗ ନେବା ପାଇଁ ଓଡ଼ିଶା ଦଳରେ ପ୍ରତିନିଧିତ୍ୱ ନିମନ୍ତେ ମନୋନୀତ ହୋଇଛନ୍ତି। ଗତ ୨୧ ଓ ୨୨ ତାରିଖରେ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ମନୋନୟନ ପ୍ରତିଯୋଗିତାରେ କଟକ ଜିଲ୍ଲା ତରଫରୁ ଆଠଗଡ଼ର ଦୁଇଜଣ ଛାତ୍ର ଭାଗ ନେଇଥିଲେ। ସମସରପୁରସ୍ଥିତ ସାବିତ୍ରୀ ରଥ ବିଦ୍ୟାପୀଠର ଛାତ୍ର ସୌମ୍ୟରଞ୍ଜନ ସାମନ୍ତରାୟ ଓ ଗୋପବନ୍ଧୁ ବିଜ୍ଞାନ କଲେଜ ଛାତ୍ର ସୁବ୍ରତ ବେହେରା କଟକ ଜିଲ୍ଲା ବକ୍ସି ଆସୋସିଏସନ ପାଇଁ ପ୍ରତିନିଧିତ୍ୱ କରିଥିଲେ। ବକ୍ସିଂ ପ୍ରତିଯୋଗିତାର ୪୬-୪୮ କେଜି ବର୍ଗରେ ସୁବ୍ରତ ପ୍ରଥମେ ସୁନ୍ଦରଗଡ ଓ ଫାଇନାଲରେ ଗଞ୍ଜାମକୁ ହରାଇ ଆଗାମୀ ଦିନରେ ଆସାମରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। ସେହିପରି ସାବିତ୍ରୀ ରଥ ବିଦ୍ୟାପୀଠର ଛାତ୍ର ସୌମ୍ୟରଞ୍ଜନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇଥିବା କଟକ ଜିଲ୍ଲାର ମୁଖ୍ୟ ପ୍ରଶିକ୍ଷକ ଅଂଜନ ଦାଶ ଓ ତାଲିମ ପ୍ରଶିକ୍ଷକ ସନ୍ତୋଷ ବେହେରାଙ୍କ ସମେତ ଅନ୍ୟମାନେ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ସିଏମ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ବଡ଼ବିଲ୍ ଏଫ୍‌ସି ୬-୧ ଗୋଲରେ ଓ ଗୁଆଲି ଏଫ୍‌ସି ୪-୧ ଗୋଲରେ ବିଜୟୀ

**କେନ୍ଦୁଝର, ନ୍ୟୁଜ୍**



ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ୍ କପ୍ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ନବମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ବି' ଏବଂ ବଡ଼ବିଲ ଏଫସି ମଧ୍ୟରେ ଅନୁଷ୍ଠିତ ପ୍ରଥମ ଖେଳରେ ବଡ଼ବିଲ ଏଫ୍‌ସି ଜିନ୍ଦଲ ଫାଉଣ୍ଡେସନ ବିପକ୍ଷରେ ୬-୧ ଗୋଲରେ ଏକ ସହଜସାଧ୍ୟ ବିଜୟ ହାସଲ କରି ପୂରା ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଥିଲା। ବଡ଼ବିଲ ପକ୍ଷରୁ ପବିତ୍ର ଗୋପ ଦୁଇଟି ଗୋଲ ସ୍କୋର କରିଥିବାବେଳେ ଆର୍ଯ୍ୟନ ମୁଣ୍ଡା, ସୌରଭ ପାତ୍ର, ରଞ୍ଜିତ ହାଁସଦା ଏବଂ ଲକ୍ଷ୍ମଣ ବହାଦୁର ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଭବ ନାଏକ ୫୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଦେଇଥଲେ।

ସେହିପରି ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଗୁଆଲି ଏଫ୍‌ସି ଟାଟା ଷ୍ଟିଲ, ଯୋଡ଼ା ବିପକ୍ଷରେ ୪-୧ ଗୋଲରେ ବିଜୟ ଲାଭ କରି ପୂରା ଦୁଇ ପଏଣ୍ଟ ହାସଲ କରିଛି। ଟାଟା ଷ୍ଟିଲ ପକ୍ଷରୁ ପ୍ରଥମାର୍ଦ୍ଧ ଖେଳ ଶେଷ ହେବାର ଗୋଟିଏ ମିନିଟ ପୂର୍ବରୁ ୧୧ ନମ୍ବର ଖେଳାଳି ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ମଧ୍ୟନ୍ତର ପରେ ଗୁଆଲି ଏଫ୍‌ସି ଦଳ ସୁସଂଗଠିତ ଭାବେ ଖେଳି ପ୍ରତିପକ୍ଷ ରକ୍ଷଣ ଭଗକୁ ବ୍ୟତିବ୍ୟସ୍ତ କରି କ୍ରମାଗତ ଭାବେ ୪ଟି ଗୋଲ ସ୍କୋର କରିଥିଲେ। ଗୁଆଲି ପକ୍ଷରୁ ବଚନ ନାଏକ ଏବଂ ଆଦିତ୍ୟ ନାଏକ ପ୍ରତ୍ୟେକ ଦୁଇଟି ଲେଖାଏଁ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ।

ଶୁକ୍ରବାରର ଖେଳରେ ଜିଲ୍ଲା କ୍ରୀଡ଼ା ସଂସ୍ଥା ପକ୍ଷରୁ କୋଷାଧ୍ୟକ୍ଷ ସରୋଜ କୁମାର ରଣା ପଡ଼ିଆରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳରେ ବେଣୁଧର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଶଙ୍କର୍ଷଣ ନାଏକ ଏବଂ ଯତୀନ ମହାନ୍ତ ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ବୃନ୍ଦାବନ ମୁଣ୍ଡା। ସେହିପରି ଦ୍ୱିତୀୟ ଖେଳରେ ବୃନ୍ଦାବନ ମୁଣ୍ଡା ରେଫରୀ ଥିବାବେଳେ ତାଙ୍କୁ ଶଙ୍କର୍ଷଣ ନାଏକ ଏବଂ ବେଣୁଧର ମୁଣ୍ଡା ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଯତୀନ ମହାନ୍ତ। ଫୁଟବଲ୍ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ୍ କମିଶନର ଭାବେ ନିଯୁକ୍ତି ପାଇଥିବାବେଳେ କ୍ରୀଡ଼ା ନିର୍ଦ୍ଦେଶାଳୟର ଯଶପକ୍ଷଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଓ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ରଣଜୀରେ ଲଗାତାର ଦ୍ୱିତୀୟ ଥର ପାଇଁ ଫେଲ୍ ହେଲେ ରୋହିତ

**ନୂଆଦିଲ୍ଲୀ**

ପୂର୍ବଭଳି ଖେଳିପାରୁନାହାନ୍ତି ଅଧିନାୟକ ରୋହିତ ଶର୍ମା। ଅନ୍ତର୍ଜାତୀୟ କ୍ରିକେଟରେ ଫେଲ୍ ହେବା ପରେ ଏବେ ସେ ଘରୋଇ କ୍ରିକେଟ ଖେଳୁଛନ୍ତି। ହେଲେ ରଣଜୀ ଟ୍ରଫିର ଦୁଇଟିଯାକ ମ୍ୟାଚ୍‌ରେ ସେ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଛନ୍ତି। ଜମ୍ମୁ-କଶ୍ମୀର ବିପକ୍ଷ ପ୍ରଥମ ଇନିଂସରେ ଉମର ନଜିରଙ୍କ ବିପକ୍ଷରେ ସେ ସଂଘର୍ଷ କରୁଥିବା ନଜର ଆସିଥିଲା। ସେ ମାତ୍ର ୩ ରନ୍ କରି ଉଇକେଟ ହରାଇଥିଲେ। ସେହିଭଳି ଦ୍ୱିତୀୟ ଇନିଂସରେ ରାଜସ୍ଥାନ ରୟାଲ୍ସର ଏକ ବୋଲର ତାଙ୍କୁ ଆଉଟ୍ କରିଛନ୍ତି। ବୋଲରଜଣଙ୍କ ହେଲେ ଯୁଦ୍ଧବୀର ସିଂ, ଯାହାଙ୍କ କୋଚ୍ ହେଉଛନ୍ତି ରାହୁଲ ଦ୍ରାବିଡ଼। ରାଜସ୍ଥାନ ଟିମ୍ ଆଇପିଏଲ୍ ଲାଗି ତାଙ୍କୁ ୩୫ ଲକ୍ଷ ଟଙ୍କାରେ କିଣିଛି। ଅପରପକ୍ଷେ ରୋହିତ ଦ୍ୱିତୀୟ ଥର ଲାଗି ରଣଜୀ ଟ୍ରଫିରେ ଫେଲ୍ ହୋଇଛନ୍ତି। ଜମ୍ମୁ କଶ୍ମରର ବିପକ୍ଷ ଦ୍ୱିତୀୟ ଇନିଂସରେ ସେ ଭଲ ଖେଳିବେ ବୋଲି ଆଶା କରାଯାଉଥିଲା। ହେଲେ ତାଙ୍କ ଉଇକେଟ ଯୁଦ୍ଧବୀର ନେଇଥିଲେ। ରୋହିତଙ୍କ ବ୍ୟତିତ ଅନ୍ୟତମ ଓପନିଂ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୈସ୍ୱାଲ ରଣଜୀର ଉଭୟ ଇନିଂସରେ ଭଲ ପ୍ରଦର୍ଶନ କରିନାହାନ୍ତି। ପ୍ରଥମରେ ସେ ୪ ରନ୍ କରିଥିବା ବେଳେ ଦ୍ୱିତୀୟରେ ୨୬ ରନ୍ କରିଥିଲେ। ଯୁଦ୍ଧବୀର ୬ ଓଭରରେ ୨୧ ରନ୍ ଦେଇ ୨ ଉଇକେଟ ନେଇଥିଲେ।

# ବାରବାଟୀ ଦିନିକିଆ : ଫେବୃୟାରୀ ୨ରେ ଅନ୍‌ଲାଇନ୍, ୫-୬ରେ କାଉଣ୍ଟର ଟିକେଟ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ଐତିହାସିକ ବାରବାଟୀ କ୍ରିକେଟ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଯାଉଥିବା ବହୁ ପ୍ରତୀକ୍ଷିତ ଭାରତ-ଇଂଲଣ୍ଡ ଦିନିକିଆ ଦିବାରାତ୍ର କ୍ରିକେଟ୍ ମ୍ୟାଚ୍‌ର ଟିକେଟ୍ ବିକ୍ରି ନେଇ ତାରିଖ ଘୋଷଣା ହୋଇଯାଇଛି। ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶକଙ୍କ ଟିକେଟ୍ କିଣି ସାରିଥିବା ବେଳେ ଅନ୍ୟ ଦର୍ଶକମାନଙ୍କ ପାଇଁ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ ଟିକେଟ୍ କିଣିବାର ବ୍ୟବସ୍ଥା ଖୁବ୍ ଶୀଘ୍ର କରିବାକୁ ଯାଉଛି। ସୂଚନା ଅନୁସାରେ ଦର୍ଶକମାନଙ୍କ ପାଇଁ ଆସନ୍ତା ଫେବୃୟାରୀ ୨ ତାରିଖରେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ସେହିପରି କ୍ରିକେଟ୍‌ପ୍ରେମୀମାନେ ଆସନ୍ତା ୫-୬ରେ କାଉଣ୍ଟର ଟିକେଟ୍ କିଣିପାରିବେ। କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। କ୍ରୀଡ଼ା ମନ୍ତ୍ରୀ କହିଛନ୍ତି, ଆସନ୍ତା ୫ ଓ ୬ ତାରିଖରେ ବାରବାଟୀ ମ୍ୟାଚ୍ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ହେବ। ଏହା ପୂର୍ବରୁ ୨ ତାରିଖ ଦିନ ଅନ୍‌ଲାଇନ୍‌ରେ ୪ ହଜାର ଟିକେଟ୍ ବିକ୍ରି କରାଯିବ। ଚଳିତ ଥର ଷ୍ଟାଡିୟମ୍‌ରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବାରବାଟୀ ଦିନିକିଆର ଗ୍ୟାଲେରି ଟିକେଟ କିଣିଛନ୍ତି। ଏହି ଅବସରରେ ଓସିଏର କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି, ସଂପାଦକ ସଞ୍ଜୟ ବେହେରା, ଆପେକ୍ସ କାଉନ୍‌ସିଲ୍ ସଦସ୍ୟ ପ୍ରତାପ କୁମାର ପ୍ରଧାନ, ଓଡ଼ିଶା ଅଲିମ୍ପିକ୍ସ ସଂଘ ସାଧାରଣ ସଂପାଦକ ଅଭିଜିତ ପାଲ୍, ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସହନଶୀଳତାର ବୀଜ ବପନ: ଭାରତୀୟ କୃଷିର ରୂପାନ୍ତରଣ ନିମନ୍ତେ ବଜେଟର ନୀଳନକ୍ସା



**ନବୀନ ପି ସିଂହ**
କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର କୃଷି ମୂଲ୍ୟ ନିର୍ଦ୍ଧାରଣ ଓ ମୂଲ୍ୟାୟନ କମିଶନର ଜଣେ ସଦସ୍ୟ ଅଧିକାରୀ

ଭାରତୀୟ କୃଷି କ୍ଷେତ୍ର ହେଉଛି ଦେଶର ଅର୍ଥନୀତିର ମେରୁଦଣ୍ଡ, ଯାହା ଦେଶର ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)କୁ ଆନୁମାନିକ ୧୮ ପ୍ରତିଶତ ସହଯୋଗ ଯୋଗାଇଥାଏ। ଏହା ଦେଶର ମୋଟ ଜନସଂଖ୍ୟାରେ ପ୍ରାୟ ୫୮ ପ୍ରତିଶତ ଲୋକଙ୍କ ଜୀବନ ଜୀବିକାର ମଧ୍ୟ ମୁଖ୍ୟ ସାଧନ। ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଦେଶବାସୀଙ୍କ ପାଇଁ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହିତ ଅନ୍ୟାନ୍ୟ ଅନେକ ସହଯୋଗୀ ଶିଳ୍ପକୁ ମଧ୍ୟ ସହାୟତା ପ୍ରଦାନ କରିଆସୁଛି। ତେବେ, ଆମେ ଯେତେବେଳେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ବଜେଟର ନିକଟତର ହେବାରେ ଲାଗିଛୁ, ସେତେବେଳେ ଆମକୁ ଦେଶର ସ୍ଥିରତା ଏବଂ ବିକାଶ ପ୍ରତି ଯେଉଁସବୁ ଚାଲେଞ୍ଜ୍ ଓ ବିପଦମାନ ରହିଛି ସେସବୁ ଉପରେ ମଧ୍ୟ ଚିନ୍ତା କରିବା ଆବଶ୍ୟକ। ସ୍ୱଳ୍ପକାଳୀନ ଆଧାରରେ, ଖାଉଟି ସାମଗ୍ରୀର ମୂଲ୍ୟ ଅସ୍ଥିରତା ଏବଂ କୃଷକମାନଙ୍କ ଋଣ ବୋଝ ବୃଦ୍ଧି କୃଷି ଉତ୍ପାଦିକା ଏବଂ ସେମାନଙ୍କର ସାମଗ୍ରିକ କଲ୍ୟାଣକୁ ତୁରନ୍ତ ବ୍ୟାହତ କରିଆସୁଛି। ମଧ୍ୟମକାଳୀନ ଭିତ୍ତିରେ ବିଚାର କରି ଦେଖିଲେ, ଯେଉଁସବୁ ଚାଲେଞ୍ଜମାନ ଦୃଶ୍ୟ ହୋଇଥାଏ ସେଥିରେ ଏକ ପୋଷଣୀୟ କୃଷି ବ୍ୟବସ୍ଥା ଗ୍ରହଣ ହେଉଛି ତତ୍କାଳିକ ଆବଶ୍ୟକତା ଯାହାକି ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ପ୍ରତିହତ କରିବାରେ ସହାୟକ ହୋଇପାରିବ। ଏଥି ସହିତ ପାରମ୍ପରିକ କୃଷି ପଦ୍ଧତି ପ୍ରତି ଦେଖା ଦେଇଥିବା ବିପଦକୁ ମଧ୍ୟ ଟାଳିପାରିବ। ଏହାଠାରୁ ଆଗର ପରିଦୃଶ୍ୟ ଉପରେ ଦୃଷ୍ଟିପାତ କଲେ, କୃଷିକ୍ଷେତ୍ରକୁ ନବସୃଜନକୁ ଆହରଣ କରିବା ସହିତ ପରିବର୍ତ୍ତିତ ଆର୍ଥିକ ଦୃଶ୍ୟପଟରେ ଏହାର ବିଶାଳ ସ୍ଥିତିକୁ ବଜାୟ ରଖିବା ନିମନ୍ତେ ଯେଉଁ ବ୍ୟବସ୍ଥାମାନ ଗ୍ରହଣ କରାଯିବା ଜରୁରି ତାହାର ବିକାଶ ଉପରେ ମଧ୍ୟ ଚିନ୍ତା କରାଯିବାର ସମୟ ଉପସ୍ଥିତ। ତେଣୁ ଦେଶର ନୀତିକାରମାନେ ଏଥିରେ ରଣନୀତିକ ସନ୍ତୁଳନ ରକ୍ଷା କରିବା ସକାଶେ ତତ୍କାଳ ଚାପ ସହିତ ଦୀର୍ଘକାଳୀନ ପୋଷଣୀୟ ବିକାଶ ଉପକ୍ରମ ନିମନ୍ତେ ଆଗାମୀ ବଜେଟରେ ବ୍ୟାପକ ପ୍ରାବଧାନ ପ୍ରସ୍ତୁତ କରିବା ଦରକାର। ଚାପଗ୍ରସ୍ତ ଏବଂ ଅଭାବୀ ଶ୍ରମିକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବା, ଜଳବାୟୁ ସହନଶୀଳ କୃଷି ପଦ୍ଧତିକୁ ଆପଣାଯିବା ଏବଂ ନବସୃଜନ ପଦ୍ଧତିର ଅନୁସରଣ ଭଳି ପନ୍ଥା ଜରିଆରେ ସରକାର ଏକ ସହନଶୀଳ କୃଷି ଢାଞ୍ଚାର ବିକାଶ ଘଟାଇ ପାରିବେ ଯାହା ଦେଶର ଆର୍ଥିକ ବିକାଶକୁ ସହାୟକ ହେବା ସହିତ ଭାରତୀୟ କୃଷିର ଭବିଷ୍ୟତକୁ ସୁରକ୍ଷିତ ରଖିପାରିବ।

**କୃଷି ଗବେଷଣା ଓ ବିକାଶରେ ବ୍ୟାପକ ଅଭିବୃଦ୍ଧି :** ସମୟର ଆବଶ୍ୟକତା

ଭାରତୀୟ କୃଷି ଗବେଷଣା ଓ ବିକାଶ (ଆରଏଣ୍ଡଡି) ବ୍ୟାପକ ମାତ୍ରାରେ ବିନିଯୋଗ କ୍ଲିଷ୍ଟ ଅବସ୍ଥାରେ ରହିଛି। କୃଷି ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ରା ମାତ୍ର ୦.୪ ପ୍ରତିଶତ ଯାହାକି ବୈଶ୍ୱିକ ସ୍ତରରେ ହାରାହାରି ୧ ପ୍ରତିଶତରେ ରହିଛି। ଏଭଳି ସ୍ୱଳ୍ପତା ନବସୃଜନକୁ ବ୍ୟାହତ କରୁଛି ଏବଂ ଜଳବାୟୁ ସହନଶୀଳ ଶସ୍ୟ, ଜଳ ପରିଚାଳନା ଓ ଅତ୍ୟାଧୁନିକ କୀଟ ନିୟନ୍ତ୍ରଣ ଭଳି ଜଟିଳ ସମସ୍ୟାର ସମାଧାନ ପନ୍ଥା ଆପଣାଇବା ନିମନ୍ତେ ପର୍ଯ୍ୟାପ୍ତ ହୋଇ ପାରୁନାହିଁ। ତେଣୁ ବଜେଟରେ ଗବେଷଣା ଓ ବିକାଶ କାର୍ଯ୍ୟକ୍ରମ ସକାଶେ ମଞ୍ଜୁର ପାଣ୍ଠି ପରିମାଣକୁ ଦ୍ୱିଗୁଣିତ କରିବା ଆବଶ୍ୟକ। ଏଥି ସହିତ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଏବଂ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ଏସଏୟୁ) ଭଳି ଅନୁଷ୍ଠାମାନଙ୍କ ଉପରେ ଅଧିକ ଦୃଷ୍ଟି ପ୍ରଦାନ କରାଯିବା ଜରୁରି। ଏହା ବ୍ୟତୀତ, ଘରୋଇ କ୍ଷେତ୍ରର ଅନୁଷ୍ଠାନ ମାନଙ୍କୁ ସେମାନଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପାଇଁ ଅଧିକ ଟିକସ ରିହାତି ପ୍ରଦାନ କରାଯାଇ ସେମାନଙ୍କୁ ଏଥିରେ ପୁଞ୍ଜି ନିବେଶ ସକାଶେ ପ୍ରୋତ୍ସାହନ ପ୍ରଦାନ କରାଯିବା ଆବଶ୍ୟକ। ଏଭଳି ଉପକ୍ରମମାନ ଗ୍ରହଣ ଫଳରେ ଶୈକ୍ଷିକ ଗୋଷ୍ଠୀ, ଶିଳ୍ପସଂସ୍ଥା ଏବଂ କୃଷକମାନଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟର ଏକ ସୁଦୃଢ଼ ପରିବେଶ ସୃଷ୍ଟି ହୋଇପାରିବ ଯାହାକି ନୂଆ ନୂଆ ପନ୍ଥା ଆପଣାଇବା ସକାଶେ ମାର୍ଗ ସୁନିଶ୍ଚିତ କରିବ ଏବଂ ଏହା ଦେଶର କୃଷି ଉତ୍ପାଦିକା ଏବଂ ପୋଷଣୀୟତା ବୃଦ୍ଧିରେ ମଧ୍ୟ ସହାୟକ ହେବ।

**ଭିତ୍ତିଭୂମି ବୈଷମ୍ୟ ହ୍ରାସ ଠାରୁ ଅମଳ ପରବର୍ତ୍ତୀ ଶସ୍ୟହାନି ମାତ୍ରା ହ୍ରାସ :** ପ୍ରତି ବର୍ଷ ଭାରତରେ ଅମଳ ପରବର୍ତ୍ତୀ ଶସ୍ୟହାନିର ମାତ୍ରା ୧୦ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ ଯାହାକି ଆମର ଭଣ୍ଡାରଣ, ଲଜିଷ୍ଟିକ୍ସ ଓ ବିତରଣ ବ୍ୟବସ୍ଥାରେ ଥିବା ଅଭାବକୁ ସୂଚୀତ କରେ। କୃଷି ସଂସାଧନ ପାଣ୍ଠି ଅଧୀନରେ ଏଥିପାଇଁ ଅର୍ଥ ମଞ୍ଜୁର କରାଯାଉଥିଲେ ସୁଦ୍ଧା ଆବଶ୍ୟକତା ଏବଂ ଆବଣ୍ଟନ ଅର୍ଥ ମଧ୍ୟରେ ପାର୍ଥକ୍ୟ ରହିଛି। ତେଣୁ ଚଳିତ ବଜେଟରେ ଗ୍ରାମାଞ୍ଚଳରେ ଭଣ୍ଡାରଣ ସମନ୍ୱୟ, ଶୀତଳ ଭଣ୍ଡାର ଚେନ୍ ଓ ଡିଜିଟାଲ ପ୍ଲାଟଫର୍ମ ନିମନ୍ତେ ଗୁରୁତ୍ୱ ଆରୋପ କରାଯିବା ଜରୁରି ଯାହାକି ଶସ୍ୟ ନଷ୍ଟକୁ ହ୍ରାସ କରିବା ସହିତ କୃଷକମାନଙ୍କୁ ବଜାର ସହିତ ସଂଯୋଗ କରିବାରେ ସହାୟକ ହେବ। ଅଧିକନ୍ତୁ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବର୍ଦ୍ଧିତ କଳେବରକୁ ଦୃଷ୍ଟିରେ ରଖି ଏବଂ ମୁଣ୍ଡପିଛା ଉପାର୍ଜନ ବୃଦ୍ଧି ପ୍ରଭାବିତ ପ୍ରକ୍ରିୟାକୃତ ଖାଦ୍ୟ ଚାହିଦାର ବୃଦ୍ଧି ଘଟାଇବା ଦିଗରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ବାଞ୍ଛନୀୟ। ଏଥିପାଇଁ ଏକ ବିଶାଳ ଯୋଗାଣ ଶୃଙ୍ଖଳର ଆବଶ୍ୟକତା ରହିଛି। ସେହିଭଳି ଗୌଣ କୃଷି କାର୍ଯ୍ୟ ଯଥା, ଛତୁଚାଷ ଓ ମହୁମାଛି ଚାଷ ଆଦି କ୍ଷେତ୍ରରେ ମଧ୍ୟ ଅର୍ଥ ବିନିଯୋଗ କରାଗଲେ ତାହା ଗ୍ରାମାଞ୍ଚଳରେ କର୍ମନିଯୁକ୍ତିର ଅତିରିକ୍ତ ସୁଯୋଗ ସୃଷ୍ଟି କରିବ। ସେହିଭଳି ଅଣୁ ଜଳସେଚନ ଉପକ୍ରମକୁ ସମ୍ପ୍ରସାରିତ କରାଗଲେ ତାହା କୃଷି ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ଏବଂ ଜଳର ଅଭାବକୁ ମଧ୍ୟ ପୂରଣ କରିପାରିବ।

**ଜଳବାୟୁ ସହନଶୀଳତା : କୃଷି ନୀତିର ନୂତନ ସ୍ତମ୍ଭ-** ଜଳବାୟୁ ପରିବର୍ତ୍ତନ ଭାରତୀୟ କୃଷି ପ୍ରତି ସବୁଠାରୁ ବଡ଼ ବିପଦଗୁଡ଼ିକ ମଧ୍ୟରୁ ଅନ୍ୟତମ ଯାହାକି ଅନିଶ୍ଚିତ ପାଣିପାଗ, ଋତୁ ବହିର୍ଭୂତ ଅଦିନିଆ ବର୍ଷା ଏବଂ ମୃତ୍ତିକାର ଗୁଣବତ୍ତା କ୍ଷୟ ଯୋଗୁ କୃଷକମାନଙ୍କୁ ଭୋଗ କରିବାକୁ ପଡୁଛି। ତେଣୁ ଫସଲ ବିବିଧିକରଣ ଓ ପ୍ରାକୃତିକ କୃଷି ଓ ଜୈବ କୃଷି ପଦ୍ଧତି ଭଳି ପୋଷଣୀୟ କୃଷିକାର୍ଯ୍ୟ ପ୍ରତି ଦୃଢ଼ ପ୍ରତିବଦ୍ଧତା କେବଳ ଅତ୍ୟାବଶ୍ୟକ ନୁହେଁ, ଏହା ସମୟର ଆହ୍ୱାନ। ସେଥିପାଇଁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାକୁ ସମ୍ପ୍ରସାରଣ କରି ଜଳ-କ୍ଲିଷ୍ଟ କ୍ଷେତ୍ରରେ ଜଳସେଚନର ବ୍ୟବସ୍ଥା କରାଯାଇପାରିବ ଏବଂ ସୌରଶକ୍ତି ଚାଳିତ ଜଳସେଚନ ବ୍ୟବସ୍ଥା ପାଇଁ ସବସିଡି ଯୋଗାଣ ମଧ୍ୟ ଜଳବାୟୁକ୍ଲିଷ୍ଟ ଜନସାଧାରଣଙ୍କୁ ବିଶେଷ ଭାବରେ ସହାୟକ ହୋଇପାରିବ। ସେହିଭଳି ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ ମିଶନ ମୋଡ୍ କାର୍ଯ୍ୟକ୍ରମମାନ ଯଥା ତୈଳବୀଜ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି ମଧ୍ୟ ଜଳବାୟୁ ଚାଲେଞ୍ଜର ମୁକାବିଲା କରିପାରିବ। ଏହା ଫଳରେ ଏହିସବୁ ସାମଗ୍ରୀ ପାଇଁ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ ଓ ଆତ୍ମ-ନିର୍ଭରଶୀଳତାରେ ବୃଦ୍ଧି ଘଟିବ।

**ବିବିଧିକରଣ: କୃଷକମାନଙ୍କ ଆର୍ଥିକ ସ୍ଥିରତାର କଞ୍ଚକାଠି-** ଉପାର୍ଜନ ଉତ୍ସର ବିବିଧିକରଣକୁ ସହଯୋଗୀ ଅନ୍ୟାନ୍ୟ କ୍ଷେତ୍ର ଯଥା, ପଶୁପାଳନ, ମାଛଚାଷ ଓ ଉଦ୍ୟାନ କୃଷି ଭଳି କ୍ଷେତ୍ରକୁ ସମ୍ପ୍ରସାରିତ କରାଯିବା ଏକାନ୍ତ ଜରୁରୀ ଯାହା ଫଳରେ ମୁଖ୍ୟ ଶସ୍ୟରୁ ଉପାର୍ଜନ ଉପରେ କୃଷକମାନଙ୍କୁ ମାତ୍ରାଧିକ ନିର୍ଭରଶୀଳତା ହ୍ରାସ ପାଇବ। ଭାରତରେ ପଶୁପାଳନ କ୍ଷେତ୍ର କୃଷି ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର ୨୮ ପ୍ରତିଶତ ଏବଂ ମାଛ ଚାଷକୁ ଲକ୍ଷ୍ୟ ନିର୍ଦ୍ଧାରିତ ଯୋଜନା ମାନଙ୍କ ମାଧ୍ୟମରେ ମଧ୍ୟ ଅଧିକ ପାଣ୍ଠି ଯୋଗାଇ ଦିଆଯିବା ଉଚିତ। ଏହିସବୁ କ୍ଷେତ୍ରଗୁଡ଼ିକ ମଧ୍ୟରେ ପଶୁପାଳନ ସଂସାଧନ ବିକାଶ ପାଣ୍ଠି ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସଂପଦ ଯୋଜନା (ପିଏମଏମଏସୱାଇ) ଆଦି ସାମିଲ। ସେହିଭଳି, ଉଦ୍ୟାନ କୃଷି କ୍ଷେତ୍ରରେ ଶୀତଳୀକରଣ, ଭଣ୍ଡାରଣ ଓ ପ୍ରକ୍ରିୟାକରଣ ସୁବିଧା ପାଇଁ ଅଧିକ ପୁଞ୍ଜି ଯୋଗାଣ ଏହି କ୍ଷେତ୍ରର ରପ୍ତାନି ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ତେଣୁ ଏହିସବୁ କ୍ଷେତ୍ରଗୁଡ଼ିକୁ ବଜେଟରେ ସମାଯୋଜନ କରି ଏକ ଏକୀକୃତ କୃଷି ବ୍ୟବସ୍ଥାର ବିକାଶ ଘଟାଯିବା ଜରୁରୀ ଯାହାକି କୃଷକମାନଙ୍କୁ ସର୍ବାଧିକ ମାତ୍ରାରେ ସହାୟକ ହୋଇପାରିବ।

**ଡିଜିଟାଲ କୃଷି : କୃଷି ପଦ୍ଧତିର କାୟା ପରିବର୍ତ୍ତନ-** କୃଷି କ୍ଷେତ୍ରର ଡିଜିଟାଲ ରୂପାନ୍ତରଣ ନିଷ୍ପତ୍ତି ଗ୍ରହଣ ଏବଂ ସକ୍ରିୟତା ଦିଗରେ ବୈପ୍ଳବିକ ପରିବର୍ତ୍ତନ ଘଟାଇ ପାରିବ। ଇ-ନାମ୍ ଭଳି ପ୍ଲାଟଫର୍ମକୁ ସମ୍ପ୍ରସାରିତ କରି ସେଥିରେ ମଣ୍ଡିଗୁଡ଼ିକୁ ସାମିଲ କରିବା, ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ବଜାର ପହଞ୍ଚକୁ ସୁସଂଗତ କରିବା ଭଳି କାର୍ଯ୍ୟ ସହଜରେ ସମ୍ପାଦନ କରାଯାଇପାରିବ। ଅତ୍ୟାଧୁନିକ ପ୍ରଯୁକ୍ତି ଯଥା କୃତ୍ରିମ ପ୍ରଜ୍ଞା (ଏଆଇ) ଓ ବ୍ଲକଚେନକୁ ଯୋଗାଣ ଶୃଙ୍ଖଳ ପରିଚାଳନା, ଶସ୍ୟ ବୀମା ଓ ମୃତ୍ତିକା ସ୍ୱାସ୍ଥ୍ୟ ମନିଟରିଂ ବ୍ୟବସ୍ଥା ସହିତ ସମାଯୋଜନ କରି ଏଥିରେ ଉଲ୍ଲେଖନୀୟ ଉନ୍ନତି ଓ ସକ୍ରିୟତା ହାସଲ କରାଯାଇ ପାରିବ ଏବଂ ରିସ୍କ ପରିଚାଳନାର ମଧ୍ୟ ସଫଳ ମୁକାବିଲା କରାଯାଇପାରିବ। ଦେଶରେ ୧୦,୦୦୦ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଗଠନ କରିବା ସକାଶେ ପର୍ଯ୍ୟାପ୍ତ ଆର୍ଥିକ ଓ ପ୍ରଯୁକ୍ତିଗତ ସହାୟତା ଲୋଡ଼ା ଯାହାକି କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସମ୍ବନ୍ଧିତ ମୂଲ୍ୟ ନିର୍ଦ୍ଧାଣ ଏବଂ ବଜାର ପ୍ରବେଶ ସହିତ ସେମାନଙ୍କୁ ସଶକ୍ତ କରିବ।

**ତତ୍କାଳ ଓ ଭବିଷ୍ୟତ ବଜାର ସଂଯୋଗ ନିମନ୍ତେ ଡିଜିଟାଲ ଇକୋସିଷ୍ଟମ୍ ବ୍ୟବସ୍ଥା ସୃଷ୍ଟି :** କେନ୍ଦ୍ର ବଜେଟରେ ତତ୍କାଳ ଓ ଭବିଷ୍ୟତର ବଜାରକୁ ସମାଯୋଜନ କରିବା ନିମନ୍ତେ ଏକ ବିଶାଳ ଡିଜିଟାଲ ଇକୋସିଷ୍ଟମ ଏବଂ ଡାଟା- ପରିଚାଳିତ ଢାଂଞ୍ଚାର ବିକାଶ ଘଟାଯିବା ଜରୁରି ମନେହୁଏ। ଡିଜିଟାଲ ସ୍ପଟ୍ ମାର୍କେଟ୍ ଯଥା ଇ-ନାମ୍ ବ୍ୟବସ୍ଥାକୁ ସମ୍ପ୍ରସାରିତ କରି ସେଥିରେ ଦେଶର ସମସ୍ତ ମଣ୍ଡିକୁ ଯୋଡ଼ା ଯାଇପାରିବ ଏବଂ ସେଗୁଡ଼ିକୁ ଇଲେକ୍ଟ୍ରୋନିକ୍ ୱେର୍‌ହାଉସ୍ ରିସିପ୍ଟ (ଇ-ଡବ୍ଲୁ.ଆର) ସହିତ ସଂଯୋଗ କରାଯିବା ଆବଶ୍ୟକ ଯାହା ଫଳରେ କୃଷକମାନେ ସେମାନଙ୍କର ଭଣ୍ଡାରଣ ଉତ୍ପାଦକୁ ସହଜରେ ମୌଦ୍ରିକରଣ କରିପାରିବେ ଏବଂ ଅଭାବୀ ବିକ୍ରି ହ୍ରାସ ପାଇବ ଓ ବୈଶ୍ୱିକ ବାଣିଜିକ ମାନକୁ ଅନୁପାଳନ କରାଯାଇପାରିବ। ଏହିସବୁ ସାମଗ୍ରୀଗୁଡ଼ିକ ପାଇଁ ଏକ କେନ୍ଦ୍ରିକୃତ ଡାଟା ରିପୋଜିଟୋରୀ ଗଠନ, ୱେର୍‌ହାଉସ୍ ବ୍ୟବସ୍ଥା, ବିପଣନ ମଞ୍ଚ ଓ ସରକାରୀ ଏଜେନ୍ସି ମାନଙ୍କଠାରୁ ସମନ୍ୱିତ ଇନପୁଟ୍ ପ୍ରାପ୍ତି ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ସୁବିଧା ସହିତ ଭବିଷ୍ୟତର ବଜାର ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ ସମ୍ପର୍କୀତ ସକଳ ପ୍ରକାର ସୂଚନା ସହଜରେ ଉପଲବ୍ଧ ହୋଇପାରିବ। ଅଧିକନ୍ତୁ, ଏକ ସ୍ଥିର ନୀତିଗତ ସହାୟତା ମଧ୍ୟ ରକ୍ଷା କରାଯିବା ଜରୁରି ଯାହାକି ସ୍ପଟ୍ ଓ ଭବିଷ୍ୟତର ବଜାର ମଧ୍ୟରେ ଆବଶ୍ୟକ ସମନ୍ୱୟ ରକ୍ଷା କରିପାରିବ ଏବଂ ସମସ୍ତ କାର୍ଯ୍ୟକୁ ସୁସଂଗତ କରିପାରିବ। ଏହି ଆଭିମୁଖ୍ୟ ସ୍ୱଚ୍ଛତାକୁ ପ୍ରୋତ୍ସାହନ ଯୋଗାଇବ, ମୂଲ୍ୟ ସୂଚନାକୁ ପରିବ୍ୟାପ୍ତ କରିବ, ଏକ ସକ୍ରିୟ କୃଷି ବଜାର ଇକୋସିଷ୍ଟମର ବିକାଶ ଘଟାଇବ ଏବଂ କୃଷି କ୍ଷେତ୍ରର ସମସ୍ତ ହିତଧାରକ ମାନଙ୍କୁ ସଶକ୍ତ କରିବ ସହିତ ବୈଶ୍ୱିକ ବଜାରରେ ଭାରତର ପ୍ରତିଦ୍ୱନ୍ଦ୍ୱିତା କ୍ଷମତାକୁ ଅଧିକ ମଜଭୁତ କରିବ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଇଁ ଋଣ ଉପଲବ୍ଧତାର ଦ୍ୱାର ଉନ୍ମୋଚନ :** ଆନୁଷ୍ଠାନିକ ଋଣ ଯୋଗାଣ ପର୍ଯ୍ୟନ୍ତ ପହଞ୍ଚ ଦେଶର କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କ ପାଇଁ ଏବେ ସୁଦ୍ଧା ଏକ ବିରାଟ ଚାଲେଞ୍ଜ୍ ହୋଇ ରହିଆସିଛି। ଭାରତରେ ସହରୀକରଣ ମାତ୍ରା ବୃଦ୍ଧି ପାଇବା ସହିତ ଏହାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହିସବୁ କୃଷକମାନେ ଅଧିକାଂଶ ସମୟରେ ଅଣ-ଆନୁଷ୍ଠାନିକ ଋଣଦାତାମାନଙ୍କ ନିକଟକୁ ଯାଉଛନ୍ତି ଏବଂ ସେମାନଙ୍କ ଠାରୁ ଅଧିକ ସୁଧ ହାରରେ ଟଙ୍କା କରଜ ଆଣୁଛନ୍ତି। ତେଣୁ କୃଷି ଋଣ ପରିମାଣର ଲକ୍ଷ୍ୟକୁ ୧୦ ଲକ୍ଷ କୋଟି ଟଙ୍କାରୁ ୨୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଗଲେ କ୍ଷୁଦ୍ର ତଥା ଭାଗ ଚାଷୀମାନଙ୍କୁ ସେମାନଙ୍କର ଆବଶ୍ୟକତା ମୁତାବକ ଋଣ ଯୋଗାଇ ଦିଆଯାଇପାରିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଏହି ପ୍ରକ୍ରିୟାକୁ ସୁସଙ୍ଗତ କରାଯାଇ ଫସଲ ବୀମା ବ୍ୟବସ୍ଥା ଆହରଣକୁ ମଧ୍ୟ ବ୍ୟବସ୍ଥିତ କରାଯାଇପାରିବ। ଏକ ସୁଦୃଢ଼ ଋଣ ଓ ବୀମା ଢାଞ୍ଚା ଗଠନ ଦ୍ୱାରା କୃଷକମାନଙ୍କ ପାଇଁ ନିରାପତ୍ତା ବ୍ୟବସ୍ଥା ସୃଷ୍ଟି ହେବ ଏବଂ ଏହା ସେମାନଙ୍କର ଆର୍ଥିକ ଆଶଙ୍କାକୁ ହ୍ରାସ କରିବା ସହିତ ଉତ୍ପାଦନକ୍ଷମ କ୍ଷେତ୍ରରେ ନିବେଶର ମାତ୍ରା ବୃଦ୍ଧି କରିବ।

**ମହିଳା ସଶକ୍ତୀକରଣ : ଭାରତୀୟ କୃଷିର ମେରୁଦଣ୍ଡ-** ଦେଶର କୃଷିକ୍ଷେତ୍ରର କର୍ମଶକ୍ତିର ୫୦ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା ଏବଂ ସେମାନେ ସଂପଦ ପ୍ରାପ୍ତି ଏବଂ ନିଷ୍ପତ୍ତି ଗ୍ରହଣ ମଞ୍ଚରେ ସଦାବେଳେ ବ୍ୟବସ୍ଥାଗତ ପ୍ରତିବନ୍ଧକର ସମ୍ମୁଖୀନ ହୋଇଆସୁଛନ୍ତି। କୃଷି ଜମି ମାଲିକାନା କ୍ଷେତ୍ରରେ ସେମାନଙ୍କର ମାତ୍ରା ପ୍ରାୟ ୩୫ ପ୍ରତିଶତ ହୋଇଥିଲେ ସୁଦ୍ଧା ଉପାର୍ଜନ ଓ ସଂପଦ ଉପରେ ସେମାନଙ୍କର ନିୟନ୍ତ୍ରଣର ଅଭାବ ଅଧିକାଂଶ କ୍ଷେତ୍ରରେ ପରିଲକ୍ଷିତ ହୋଇଆସୁଛି। ତେଣୁ ଲିଙ୍ଗ-ବିନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଯାହାକି ସେମାନଙ୍କ ମଧ୍ୟରେ କୌଶଳ, ଭୂମି ମାଲିକାନା ଅଧିକାର ଏବଂ ଆନୁଷ୍ଠାନିକ ଋଣ ପ୍ରାପ୍ତି ପାଇଁ ଏକାନ୍ତ ଜରୁରି ତାହା ପ୍ରବର୍ତ୍ତନ କରାଯିବା ଆବଶ୍ୟକ। ତେଣୁ ବଜେଟରେ ମହିଳା କୃଷକ ସଶକ୍ତୀକରଣ ଉପରେ ଗୁରୁତ୍ୱ ଆରୋପ ସହିତ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ଦ୍ୱାରା ଖାଦ୍ୟ ନିରାପତ୍ତା ଏବଂ ଗ୍ରାମାଞ୍ଚଳ ସମୃଦ୍ଧି ସୁନିଶ୍ଚିତ ହୋଇପାରିବ।

**କୃଷି ବିପଣନ କ୍ଷେତ୍ରରେ ଭାରତକୁ ବିଶ୍ୱ ନେତୃତ୍ୱରେ ପରିଣତ କରିବା :** ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର କୃଷି ରପ୍ତାନୀ କ୍ଷେତ୍ରର ମୂଲ୍ୟ ୫୦ ବିଲିୟନ ଡଲାର ରହିଥିବା ବେଳେ ଏଥିରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ତେଣୁ ୧୦,୦୦୦ କୋଟି ଟଙ୍କାର ଏକ ରପ୍ତାନୀ ସଂସାଧନ ଓ ଲଜିଷ୍ଟିକ୍ସ ପାଣ୍ଠି ଗଠନ କରାଗଲେ ଏହାର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତା ସାମର୍ଥ୍ୟ ଯଥେଷ୍ଟ ମାତ୍ରାରେ ବୃଦ୍ଧି କରିପାରିବ। ସେହିଭଳି ଜୈବ ଓ ମୂଲ୍ୟ-ସମ୍ବର୍ଦ୍ଧନ ଉତ୍ପାଦ ମାଧ୍ୟମରେ ସୁଦ୍ଧା ଆନ୍ତର୍ଜାତୀୟ ବଜାରର ଉଚ୍ଚ-ମୂଲ୍ୟଯୁକ୍ତ ବଜାରକୁ ଆୟତ୍ତ କରାଯାଇପାରିବ। ରଣନୀତିକ ବାଣିଜ୍ୟ ସହଭାଗିତା ଏବଂ ଦ୍ୱିପାକ୍ଷିକ ରାଜିନାମା ମାଧ୍ୟମରେ ଅଣ-ଟ୍ରାଫିକ୍ ପ୍ରତିବନ୍ଧକ ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ ଏବଂ ଭାରତୀୟ ରପ୍ତାନୀ ସାମଗ୍ରୀକୁ ବିଶ୍ୱସ୍ତରୀୟ ମାନଯୁକ୍ତ କରାଯିବା ମଧ୍ୟ ଜରୁରୀ। ଏଥି ନିମନ୍ତେ କୃଷକ ପ୍ରତିନିଧି ଏବଂ ବାଣିଜ୍ୟ ବିଶେଷଜ୍ଞମାନଙ୍କୁ ନେଇ ଏକ ସ୍ଥାୟୀ ସଂସ୍ଥା ଗଠନ କରାଗଲେ ଏ ଦିଗରେ ବ୍ୟାପକ ନିଷ୍ପତ୍ତି ଗ୍ରହଣ ସୁନିଶ୍ଚିତ କରାଯିବା ସହିତ ଘରୋଇ କୃଷକମାନଙ୍କ ଦ୍ୱାରା ଉତ୍ପାଦର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱୀ ମାତ୍ରା ବୃଦ୍ଧି ଘଟିବ।

ସଂକ୍ଷେପରେ କୁହାଯାଇପାରେ ଯେ, ୨୦୨୫-୨୬ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ ଭବିଷ୍ୟତର ଭାରତୀୟ କୃଷି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ପୁନଃକଳ୍ପନାକୁ ଉପସ୍ଥାପନ କରେ। ତେଣୁ ବର୍ତ୍ତମାନର ଚାଲେଞ୍ଜଗୁଡ଼ିକର ସମାଧାନ ଏବଂ ରଣନୀତିକ ଉପକ୍ରମ ଯଥା ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱାରୋପ, ସଂସାଧନର ସମ୍ପ୍ରସାରଣ, ଜଳବାୟୁ ସହନଶୀଳତାକୁ ପ୍ରୋତ୍ସାହନ ଏବଂ ବିବିଧିକରଣର ପନ୍ଥା ଅନୁସରଣର ପ୍ରବର୍ତ୍ତନ ଦ୍ୱାରା ଭାରତୀୟ କୃଷି କ୍ଷେତ୍ର ଅଧିକ ସକ୍ରିୟ ହୋଇପାରିବ। ଏହା ଫଳରେ ସରକାର କୃଷିକୁ ଏକ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱୀ ଶିଳ୍ପରେ ପରିଣତ କରିପାରିବେ। ଏହାତିରିକ୍ତ, ଡିଜିଟାଲ ସମ୍ବର୍ଦ୍ଧନ ଓ ଋଣ ପାଇଁ ସମାନତା ଆଧାରରେ ସୁଯୋଗ ସୁନିଶ୍ଚିତ କରାଯିବା ଦ୍ୱାରା କେବଳ କୃଷକମାନେ ସଶକ୍ତ ହେବେନାହିଁ ଅପର ପକ୍ଷେ ଏହା ଅର୍ଥନୀତିର ମେରୁଦଣ୍ଡ ଭାବରେ ସୁଦ୍ଧା ସୁଦୃଢ଼ ଓ ସୁରକ୍ଷିତ ହୋଇପାରିବ ଏବଂ ଦେଶର କୋଟି କୋଟି ଲୋକଙ୍କ ପାଇଁ ପୋଷଣୀୟ ଜୀବନ ଜୀବିକାର ଉତ୍ସ ପାଲଟିବ। ବସ୍ତୁ ଓ ସେବାକର ପରିଷଦ (ଜିଏସଟି) ଭଳି ଏକ କୃଷି ବିକାଶ ପରିଷଦ (ଏଡିସି) ଗଠନ ହେଉଛି ବର୍ତ୍ତମାନ ସମୟର ଆବଶ୍ୟକତା। ପରିଣାମତଃ, ଭାରତୀୟ କୃଷି ବିକାଶ ଓ ନବସୃଜନର ଏକ ଶକ୍ତିଶାଳୀ ନମୁନାରେ ପରିଣତ ହେବ ଏବଂ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ହୋଇପାରିବ।

RNI Regd. No. : 52640/94
Postal Regd. No. : BN/60/25-27

# ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ଶୁଭାରମ୍ଭ

**ଭୁବନେଶ୍ୱର, ୨୪।୦୧ :ନ୍ୟୁଜ୍‌ବ୍ୟୁରୋ**

ନିଜର ଘରଟିଏ କରିବା ସମସ୍ତଙ୍କ ପାଇଁ ସ୍ୱପ୍ନ ଥାଏ। ନୂତନ ସରକାର ଏହି ସ୍ୱପ୍ନକୁ ବାସ୍ତବ କରିବାକୁ ସଂକଳ୍ପବଦ୍ଧ ବୋଲି କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ଶୁକ୍ରବାର ପୂର୍ବାହ୍ନରେ ପିପିଲି ବ୍ଲକ ଯଶୁଆପୁର ପଞ୍ଚାୟତର ଅର୍ଜୁନ ସିଂହପୁର ଗ୍ରାମରେ ରାଜ୍ୟ ସ୍ତରୀୟ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ଶୁଭାରମ୍ଭ ମନ୍ତ୍ରୀ ଶ୍ରୀ ନାଏକଙ୍କ ଦ୍ୱାରା କରାଯାଇଥିଲା। ଏହାପରେ ସାତସଙ୍ଗ ମେଳଣ ପଡିଆ ଠାରେ ଏକ ସାଧାରଣ ସଭାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାଏକ ରାଜ୍ୟର ସମସ୍ତ ଅଧିବାସୀଙ୍କ ପାଇଁ ପକ୍କାଘରର ବାସ୍ତବତା ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ଏ ସରକାର ଲୋକଙ୍କ ସରକାର। ସରକାର ଆବାସଯୋଜନା ୨୦୨୪ ନାମରେ ଏକ ଆପ୍ ବ୍ୟବସ୍ଥା କରିଛନ୍ତି। ଏହାକୁ ହିତାଧିକାରୀ ଉପଯୋଗ କରି ଆବେଦନ କରିପାରିବେ। ୧୪ ହଜାର ଅଧିକାରୀ ଓ କର୍ମଚାରୀ ଏହି ସର୍ଭେ କାର୍ଯ୍ୟ ତଦାରଖ କରିବେ। କୌଣସି କ୍ଷେତ୍ରରେ ଅବହେଳା ବା ସର୍ଭେରେ ତ୍ରୁଟି କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଦେଇଥିଲେ। ଏହାର ଉପଯୁକ୍ତ ତଦନ୍ତ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇବାର ବ୍ୟବସ୍ଥା କରାଯିବ। ଦୁଇ ପ୍ରକାର ଘର ଦିଆଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ଏଥିରୁ ବଞ୍ଚିତ ରହୁଥିବା ବା ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ଯୋଗାଇ ଦିଆଯିବ। ଗଙ୍ଗୁଆ ନଈରେ ଫିଲଟର ପ୍ଲାଣ୍ଟ କରାଯାଇ କଣାସ ଓ ପିପିଲିର ବିଭିନ୍ନ ଗ୍ରାମମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଶ୍ରୀ ନାଏକ କହିବା ସହ ସମସ୍ତେ ଏଥିରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଆବାସ ଯୋଜନାରୁ ବଞ୍ଚିତ ପ୍ରତ୍ୟେକ ହିତାଧିକାରୀଙ୍କ ମୁହଁରେ ହସ ଫୁଟାଇବାକୁ ଶୁକ୍ରବାର ଠାରୁ ଶୁଭାରମ୍ଭ ହେଲା। ନିଜେ ଯୋଗ୍ୟ ହିତାଧିକାରୀ ମଧ୍ୟ ଆବାସ ଆପ ମାଧ୍ୟମରେ ଘର ପାଇଁ ଆବେଦନ କରିପାରିବେ। ଆବେଦନ ପାଇଁ ପୂର୍ବ ତୁଳନାରେ ଅଧିକ ସହଜ ପ୍ରକ୍ରିୟା କରାଯାଇଛି ବୋଲି ମତ ଦେଇଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଦଳମତ ନିର୍ବିଶେଷରେ ପ୍ରତ୍ୟେକଙ୍କୁ ଆବାସ ଯୋଗାଇ ଦିଆଯିବ। ତେଣୁ ସରକାର, ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ। ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରତ୍ୟେକଙ୍କ ପାଇଁ ଆବଶ୍ୟକତା ଅଛି ଆବାସଟିଏ। ଅପେକ୍ଷାର ଅନ୍ତ ଘଟିଛି ଓ ସମଗ୍ର ରାଜ୍ୟ ପାଇଁ ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ସର୍ଭେର ରାଜ୍ୟ ସ୍ତରୀୟ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପାନୀୟ ଜଳର ବ୍ୟବସ୍ଥା ଖୁବ୍ ଶିଘ୍ର କରାଯିବ ବୋଲି ସେ କହିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ.ଏନ. ଗିରିଶ ସ୍ୱାଗତ ଭାଷଣ ଦେବା ସହ ୧୪ ହଜାର ଅଧିକାରୀଙ୍କୁ ଘରକୁ ଘର ବୁଲି ସର୍ଭେ କରିବାକୁ ତାଲିମ ପ୍ରଦାନ କରାଯାଇଛି ବୋଲି କହିଥିଲେ।



ଭୁବନେଶ୍ୱର : ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ନିମନ୍ତେ ଗାନ୍ଧି ମାର୍ଗରେ ଚାଲିଛି 'ଫୁଲ୍ ଡ୍ରେସ୍' ପରେଡ୍ ଅଭ୍ୟାସ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ମହାନ୍ ବିପ୍ଲବୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମ୍ୟୁଜିୟମ୍ ଛକ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ଉପସ୍ଥିତ ଅଛନ୍ତି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

## ନବ ଦାସ ହତ୍ୟାକାଣ୍ଡ ଘଟଣାର ତଦନ୍ତ ନେଇ ସରକାର ନେବେ ନିଷ୍ପତ୍ତି : ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୨୪।୦୧**
**ନ୍ୟୁଜ୍‌ବ୍ୟୁରୋ**

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ତଦନ୍ତ ପ୍ରକ୍ରିୟା କ'ଣ ହେବ, ସେ ନେଇ ସରକାର ଖୁବ୍ ଶୀଘ୍ର ନିଷ୍ପତ୍ତି ନେବେ। ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି। ପୂର୍ବ ସରକାର ସମୟରେ ଭୟର ବାତାବରଣ ଥିବାରୁ ଅନେକ ଲୋକ ମୁହଁ ଖୋଲୁନଥିଲେ, ଏପରିକି ନବ ଦାସଙ୍କ ପରିବାର ଲୋକ ମଧ୍ୟ ମୁହଁ ଖୋଲିବାକୁ ସାହାସ କରୁନଥିଲେ, ସେ ଭୟ ଦୂରେଇଯାଇଛି। ତେଣୁ ଅନେକ ତଥ୍ୟ ଧୀରେ ଧୀରେ ସାମ୍ନାକୁ ଆସିବା ଆରମ୍ଭ ହୋଇଛି। ଆଉ ସେହି ସବୁ ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ। ସବୁ ଘଟଣାକୁ ତଦନ୍ତ ପରିସରଭୁକ୍ତ କଲେ ଆଗାମୀ ଦିନରେ ଯେଉଁ ସତ୍ୟକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିଲା, ଯେ ଜଣେ ବିଶିଷ୍ଟ ଲୋକଙ୍କ ମୃତ୍ୟୁ ହେଲା। କାହିଁକି ହେଲା, କିଏ କଲା, ଷଡ଼ଯନ୍ତ୍ରରେ କିଏ ଭାଗୀଦାର ଥିଲେ। ଏସବୁ କଥା ଆଗାମୀ ଦିନରେ ନିଶ୍ଚିତ ଭାବେ ଆସିବ ବୋଲି ଆଶା ଅଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସେପଟେ ନବ ଦାସଙ୍କ ହତ୍ୟାକାଣ୍ଡ ପ୍ରସଙ୍ଗରେ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ବହୁତ ତଥ୍ୟ ସେ ସମୟରେ ଦେଇଥିଲି। ଆଜି ବି ଦେଉଛି। ତାହା ଆଇସୋଲେସନରେ ରହିଛି। ବିସ୍ତାର ଭାବେ ଆଗକୁ ଏ ବିଷୟରେ ଆଲୋଚନା ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ମେଟ୍ରୋ ସିଟି ପାଲଟିବ ଭୁବନେଶ୍ୱର: ହେବ ବ୍ୟାପକ ସମ୍ପ୍ରସାରଣ

**ଭୁବନେଶ୍ୱର, ୨୪।୧**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱର ସହରକୁ ବ୍ୟାପକ ସମ୍ପ୍ରସାରଣ କରାଯିବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ସହରରେ ବଢୁଥିବା ଟ୍ରାଫିକ ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ନେଇଛନ୍ତି।



ରାଜ୍ୟରେ ନିବେଶ ବୃଦ୍ଧି ପାଇଁ ଓଡ଼ିଶା ସରକାର ପ୍ରୟାସ କରୁଛନ୍ତି। ଭବିଷ୍ୟତରେ ଭୁବନେଶ୍ୱରକୁ ବିସ୍ତାର କରାଯିବ। ଏହି ପରିପ୍ରେକ୍ଷୀରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସମ୍ପ୍ରତି ଓଡ଼ିଶା ଗସ୍ତ ସମୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱର ଏକ ଆଦର୍ଶ ସହର ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ସହରାଞ୍ଚଳକୁ ବିସ୍ତାର କରିବା ପାଇଁ ଓଡ଼ିଶାରେ ଅଧିକ କର୍ପୋରେସନ ପ୍ରତିଷ୍ଠା କରାଯିବ।

ନଗର ଯୋଜନା (ଟିପି) ଯୋଜନାରେ ଅଧିକ ସହରାଞ୍ଚଳକୁ ଅନ୍ତର୍ଭୁକ୍ତ କରିବାର ଯୋଜନା ରହିଛି। ରାଜ୍ୟ ସରକାର ପୁରୀକୁ ଦେଶର ଏକ ଅନ୍ତର୍ଜାତୀୟ ସହରରେ ପରିଣତ କରିବା ଉପରେ ଧ୍ୟାନ ଦେଉଛନ୍ତି। ରାଜ୍ୟର ସହରାଞ୍ଚଳର ସମ୍ପ୍ରସାରଣ ଯୋଜନାରେ ରିଙ୍ଗ ରୋଡ୍ ଏବଂ ରାସ୍ତା ପ୍ରଶସ୍ତୀକରଣ ଅନ୍ତର୍ଭୁକ୍ତ ସେ କହିଛନ୍ତି। ଚାଲିଥିବା ମେଟ୍ରୋ ଟ୍ରେନ ପ୍ରକଳ୍ପ ବିଷୟରେ ମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଉତ୍କର୍ଷ ଓଡ଼ିଶା କନକ୍ଲେଭ ପରେ ମୁଖ୍ୟମନ୍ତ୍ରୀ ମେଟ୍ରୋ କାର୍ଯ୍ୟ ସମୀକ୍ଷା କରିବେ। ଏହି ପ୍ରକଳ୍ପ ଖୁବ୍ ଶୀଘ୍ର ଆରମ୍ଭ ହେବ। ଏହା ବ୍ୟତୀତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ଭୁବନେଶ୍ୱର, କଟକ ଏବଂ ପୁରୀକୁ ନେଇ ଏକ ଟ୍ରାଇ-ସିଟି ବିକାଶ କରିବାର କଳ୍ପନା ମଧ୍ୟ କରିଛନ୍ତି। ଏହା ବ୍ୟତୀତ କଟକରେ ମହାନଦୀ କୂଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ପର୍ଯ୍ୟନ୍ତ ବର୍ତ୍ତମାନ ଏକକାଳୀନ ଅନେକ ଯୋଜନା ଚାଲିଛି।

# କମିଶନରେଟ୍ ପୋଲିସର ଆକ୍ସନ, ଗାଡ଼ିରୁ କଟା ହେଲା ମୋଡିଫାଏଡ୍ ସାଇଲେନସର୍

**ଭୁବନେଶ୍ୱର, ୨୪।୦୧ :ନ୍ୟୁଜ୍‌ବ୍ୟୁରୋ**

ବିକଟାଳ ଶବ୍ଦ କରୁଥିବା ଗାଡ଼ି ବିରୋଧରେ ଆକ୍ସନ। କମିଶନରେଟ୍ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ମୋଡିଫାଏଡ ସାଇଲେନସର ଲଗାଇଥିବା ଯୁବକଙ୍କ ବାଇକ୍‌କୁ ଜବତ କରାଯାଇଛି। ଏହାସହିତ ମୋଡିଫାଏଡ୍ ସାଇଲେନସର ପାଇପ୍‌କୁ ବି କଟାଯାଇଛି। ସୂଚନା ଅନୁଯାୟୀ, ବାଇକ୍‌ରେ କିଛି ଯୁବକ ମୋଡିଫାଏଡ ସାଇଲନସର ଲଗାଇ ବିକଟାଳ ଶବ୍ଦ କରୁଥିଲେ। ଯାହାଦ୍ୱାରା କି ରାସ୍ତାରେ ଯିବାଆସିବା କରୁଥିବା ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ଆକ୍ସନକୁ ଆସିଥିଲା କମିଶନରେଟ୍ ପୋଲିସ। ବିଭିନ୍ନ ସ୍ଥାନମାନଙ୍କରେ ଚଢ଼ଉ କରି ଗାଡ଼ିରେ ଲାଗିଥିବା ମୋଡିଫାଏଡ ସାଇଲେନସର କାଟିଥିଲେ। ଏହିକ୍ରମରେ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା କମିଶନରେଟ୍ ପୋଲିସ। ଏହି ଚଢ଼ଉରେ ବସ୍ ଏବଂ ବାଇକ୍‌ରେ ଲାଗିଥିବା ମୋଡିଫାଏଡ୍ ସାଇଲେନସର ପାଇପକୁ କଟାଯାଇଛି। ସୂଚନାଯୋଗ୍ୟ ଯେ, କଟକରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା କମିଶନରେଟ୍ ପୋଲିସ। ଏହି ଚଢ଼ଉରେ ୧୨୦ରୁ ଅଧିକ ବସ୍ ଅଟକାଇ ଯାଞ୍ଚ କରାଯାଇଥିଲା। ଯାହାମଧ୍ୟରେ ୮୫ଟି ବସ୍‌ରେ ପୁଲିସ୍ ମଲ୍‌ଟି ଟୋନ୍ ହର୍ଣ୍ଣ ଲାଗିଥିବାର କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଉକ୍ତ ୮୫ଟି ଯାକ ଗାଡ଼ିରୁ ପୁଲିସ୍ ମଲ୍‌ଟି ହର୍ଣ୍ଣ ଖୋଲି ଥିବାର ସୂଚନା ମିଳିଛି। ମୋଟର ଯାନ ଆଇନ୍ ଉଲ୍ଲଂଘନ କରିଥିବା ବସ୍‌ଗୁଡ଼ିକରୁ ୫ ଶହ ଟଙ୍କା ଲେଖାଏଁ ପୁଲିସ୍ ଜରିମାନା ଆଦାୟ ବି କରିଛି।

# ନକ୍ସଲଙ୍କ ଆକ୍ରମଣ ଯୋଜନା ପଣ୍ଡ କଲେ ଯବାନ



**ମାଲକାନଗିରି, ୨୪।୧**
**ନ୍ୟୁଜ୍ ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲଙ୍କ ଏକ ବଡ଼ଧରଣର ଆକ୍ରମଣ ଯୋଜନାକୁ ଯବାନମାନେ ପଣ୍ଡ କରିଛନ୍ତି। ୧୬୮ ସିଆରପିଏଫ ଯବାନ ବାସାଗୁଡ଼ା ଠାରୁ ଆବାପାଲୀ ମଧ୍ୟରେ ସର୍ଚ୍ଚ ଅପରେସନ କରୁଥିଲେ। ତେବେ ତିମାପୁର ଦୁର୍ଗାମନ୍ଦିର ପାଖରେ ରହିଥିବା ଏକ ବ୍ରିଜ୍ ତଳେ ନକ୍ସଲ ୫୦ କିଲୋ ଓଜନର ବୋମା ଖଞ୍ଜିଥିଲେ, ଯାହା ବିସ୍ଫୋରଣ ହୋଇଥିଲେ ବହୁ ଯବାନ ମୃତାହତ ହୋଇଥାନ୍ତେ। ତେବେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଏହି ବୋମାକୁ ଠାବ କରାଯାଇଥିଲା। ବ୍ରିଜ୍ ତଳେ ଏକ ସ୍ଥାନରେ କଂକ୍ରିଟ କରି ସେଥିରେ ଏହି ବୋମାକୁ ଖଞ୍ଜାଯାଇଥିଲା। ବୋମା ଉପରେ ଏକ ବଡ଼ ପଥର ରଖାଯାଇଥିଲା।

ଯବାନ ସେହି ବୋମାକୁ କାଢ଼ିବା ପାଇଁ ପଥରକୁ ସେଠାରୁ ହଟାଇଥିଲେ ମଧ୍ୟ ବୋମାକୁ କାଢ଼ିପାରିନଥିଲେ। ବାଧ୍ୟ ହୋଇ ବୋମା ନିଷ୍କ୍ରିୟ ଦଳକୁ ଡାକି ସେଠାରେ ହିଁ ବୋମାକୁ ନିଷ୍କ୍ରିୟ କରାଯାଇଥିଲା। ବୋମା ବିସ୍ଫୋରଣରେ ସଂପୂର୍ଣ୍ଣ ବ୍ରିଜ୍ ନଷ୍ଟ ହେବା ସହ ୫ ଫୁଟର ଗର୍ତ୍ତ ହୋଇଥିଲା। ଏହି ବୋମା ରିମୋଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ ହୋଇଥାନ୍ତା। ରିମୋଟ ଚିପିଲେ ବୋମା ବିସ୍ଫୋରଣ ହୋଇଥାନ୍ତା। ତେବେ ଯବାନଙ୍କର ଏହି ସଫଳତା ପରେ ଏକ ବଡ଼ଧରଣର ନକ୍ସଲ ଆକ୍ରମଣକୁ ପଣ୍ଡ କରାଯାଇପାରିଛି ବୋଲି କୁହାଯାଉଛି। ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି। ତେଣୁ ନକ୍ସଲ ନିର୍ବାଚନ ପୂର୍ବରୁ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ମସୁଧା କରିଥିବା କୁହାଯାଉଛି।

ଏହା ପୂର୍ବରୁ ଛତିଶଗଡ଼ ସୀମାରୁ ମାଓ ଡମ୍ପ ଠାବ ହୋଇଛି। ବନ୍ଧୁକ ତିଆରି କାରଖାନା ବି ଠାବ ହୋଇଛି। ସୁକୁମା-ମାଲକାନଗିରି ସୀମାରୁ ଠାବ କରିଛନ୍ତି ଯବାନ। ଘଟଣାସ୍ଥଳରୁ ୨୧ଟି ଆଇଡି ଓ ବିଜିଏଲ ବୋମା ଜବତ ହୋଇଛି। ଏହାଛଡ଼ା ଜେନେରେଟର, ଲେଥ୍ ମେସିନ ସାମଗ୍ରୀ, ବନ୍ଧୁକ ତିଆରି ସରଞ୍ଜାମ ଆଦି ମଧ୍ୟ ଜବତ ହୋଇଥିବାର ସୂଚନା ମିଳିଛି।

## କ୍ୟାଡମିୟମ୍ ବିଷ ନେଇଛି ଲୋକଙ୍କ ଜୀବନ

# ରାଜୌରୀରେ ୧୭ ଜଣଙ୍କ ମୃତ୍ୟୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସୂଚନା

**ଜମ୍ମୁ-କଶ୍ମୀର, ୨୪।୦୧**

ଜମ୍ମୁ-କଶ୍ମୀର ରାଜୌରିରେ ରହସ୍ୟମୟ ରୋଗ କାରଣରୁ ଯାଇସାରିଲାଣି ଅନେକ ଜୀବନ। ଏହି ରୋଗକୁ ନେଇ ଏବେ ହୋଇଛି ବଡ଼ ଖୁଲସା। ମେଡିକାଲ ଟିମ୍‌ର ଯାଞ୍ଚରେ ଜଣାପଡ଼ି ମୃତକଙ୍କ ଶରୀରରୁ ଏକ ସାମାନ୍ୟ କାରକ ଚିହ୍ନଟ ହୋଇଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ମାମଲାରେ ସୂଚନା ଦେଇ କହିଛନ୍ତି, ଗାଁ ଲୋକଙ୍କ ମୃତ୍ୟୁ କୌଣସି ରୋଗ କାରଣରୁ ନୁହେଁ ବରଂ କ୍ୟାଡମିୟମ୍ ବିଷ କାରଣରୁ ହୋଇଛି।



ଏକ ରିପୋର୍ଟ ଅନୁସାରେ, କେନ୍ଦ୍ରମନ୍ତ୍ରୀ କହିଛନ୍ତି ଲକ୍ଷ୍ନୌର ଏକ ଲ୍ୟାବ୍‌ରେ ମୃତକଙ୍କ ସାମ୍ପଲ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେ ସମସ୍ତଙ୍କ ଶରୀରରୁ କ୍ୟାଡମିୟମ୍ ମିଳିଥିଲା। ତେବେ ଏହି କ୍ୟାଡମିୟମ୍ ତାଙ୍କ ଶରୀରକୁ କେଉଁଠୁ ଆସିଲା ସେ ନେଇ ବର୍ତ୍ତମାନ ଯାଞ୍ଚ କରାଯାଉଛି। ଏହା ପୂର୍ବରୁ ଗଣମାଧ୍ୟମ ସହ କଥା ହୋଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ଲକ୍ଷ୍ନୌରେ ଏହାର ଯାଞ୍ଚ ଚାଲିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କଥା ସାମ୍ନାକୁ ଆସିଛି। କୌଣସି ପ୍ରକାର ଭାଇରସ୍, ବ୍ୟାକ୍ଟେରିଆ କିମ୍ବା କୌଣସି ସଂକ୍ରମଣ ଏଠାରେ ନଥିଲା। ଏହା କୌଣସି ବିଷ କାରଣରୁ ହୋଇଛି। ସେ କହିଛନ୍ତି ଏହାର ଯାଞ୍ଚ କରାଯାଉଛି। ଯଦି କେହି ଜାଣିଶୁଣି ଏଭଳି କରିଛି ତେବେ ଦଣ୍ଡ ମିଳିବ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, କ୍ୟାଡମିୟମ୍ ମାନବ ଶରୀର ପାଇଁ ଖୁବ୍ ହାନିକରକ ପଦାର୍ଥ। ଏହି କାରଣରୁ କିଡ୍‌ନୀ, ସ୍କେଲିଟନ୍ ଓ ଶ୍ୱାସକ୍ରିୟା ସମ୍ପର୍କିତ ରୋଗ ହୋଇଥାଏ। ଏହା କାରଣରୁ ମାନବ ଶରୀରରେ କ୍ୟାନସର ଭଳି ରୋଗ ସୃଷ୍ଟି ହୋଇଥାଏ। ଏହା ବିଶେଷ ଭାବରେ ଛୋଟ ପିଲାଙ୍କୁ ପ୍ରଭାବିତ କରେ। ଏହା ବିଶେଷ ଇଲେକ୍ଟ୍ରିକ୍ ଖେଳନାରେ ରହିଥାଏ। ମାଟି ଓ ପାଣିରେ ମିଶିବା ପରେ ମାନବ ଶରୀରକୁ ପ୍ରବେଶ କରିଥାଏ। ଜମ୍ମୁ-କଶ୍ମୀର ରାଜୌରୀ ଜିଲ୍ଲାର ବଧାଲ ଗାଁରେ ଗତ ଦେଢ଼ମାସ ହେବ ଏହି ପ୍ରାଣଘାତୀ ସଙ୍କଟ ଜାରି ରହିଛି। ଏହି କାରଣରୁ ଏପର୍ଯ୍ୟନ୍ତ ୧୭ ଜଣଙ୍କର ଜୀବନ ଯାଇସାରିଲାଣି। ମୃତକଙ୍କ ପରିବାରର ସଂସ୍ପର୍ଶରେ ଆସିଥିବା ୨୦୦ ଲୋକଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି।

# ୧୧ ମିଲରଙ୍କୁ ଜିଲ୍ଲା ପ୍ରଶାସନର କାରଣ ଦର୍ଶାଅ ନୋଟିସ୍

**ଛତ୍ରପୁର, ୨୪।୦୧ :ନ୍ୟୁଜ୍‌ବ୍ୟୁରୋ**

ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ ଓ ଅବହେଳା ପ୍ରଦର୍ଶନ କରିଥିବା ହେତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୬ ଘଣ୍ଟା ମଧ୍ୟରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକର ୪ ଜଣ, ଗଞ୍ଜାମ ବ୍ଲକର ୪ ଜଣ ଓ ପୁରୁଷୋତ୍ତମ ବ୍ଲକର ୩ ଜଣ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପ୍ରକାଶ ଥାଉକି ଚଳିତ ମାସ ଜାନୁଆରୀ ୨୦ ତାରିଖରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଯୋଗାଣ ବିଭାଗ ଓ ସମବାୟ ବିଭାଗର ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଚଳିତ ଖରିଫ୍ ବର୍ଷ ୨୦୨୪-୨୫ ଧାନ କ୍ରୟ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସମୀକ୍ଷା ବୈଠକରେ ୧୧ ଜଣ ମିଲର ଧାନ ଉଠାଇବାରେ ବିଳମ୍ବ ଓ ଅବହେଳା କରୁଥିବାର ତଥ୍ୟ ଜିଲ୍ଲା ପ୍ରଶାସନର ଦୃଷ୍ଟିଗୋଚର ହୋଇଥିଲା। ତେଣୁ ଜିଲ୍ଲା ପ୍ରଶାସନ ତରଫରୁ ସେହି ୧୧ ଜଣ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ ଅବିଳମ୍ବେ ମଣ୍ଡିରୁ ଧାନ ଉଠାଇବାକୁ ତାଗିଦ୍ କରାଯାଇଛି। ଏହାର ଖିଲାପ କଲେ ଜିଲ୍ଲା ପ୍ରଶାସନ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇ ଦିଆଯାଇଛି।


**ପ୍ରକାଶ ପାଇବାକୁ ଯାଉଛି...**

**ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ଫେବୃୟାରୀ ସଂଖ୍ୟା-୨୦୨୫**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି।
**ସମକାଳର କଥା :** ଜାନକୀ ବଲ୍ଲଭ ମହାପାତ୍ର, ପ୍ରଫୁଲ୍ଲ ବାରିକ, ନମିତା ଦାଶ, ଲଳିତ ମୋହନ ମିଶ୍ର, ବିଦ୍ୟାଧର ପଣ୍ଡା, ଶର୍ମିଷ୍ଠା ମହାପାତ୍ର।
**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ପ୍ରିୟାଙ୍ଗୀ ବିଶ୍ୱାଳ, ଅକ୍ଷୟ କୁମାର ମିଶ୍ର, କବିତା ମିଶ୍ର।
**କଥାସାଗର :** ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ଶ୍ରୀମନ୍ଦିର ବାହାରେ ଲାଗିବ ୱ୍ୱାଚ୍ ଟାୱାର

**ଭୁବନେଶ୍ୱର, ୨୪।୦୧**
**ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମନ୍ଦିର ବାହାରେ ଲାଗିପାରେ ୱାଚ୍ ଟାୱାର। ଏନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର କୌଣସି ନିଷ୍ପତ୍ତି ନିଆଯାଇପାରେ ବୋଲି କହିଛନ୍ତି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସୂଚନା ଅନୁଯାୟୀ, କିଛି ଦିନ ହେବ ଶ୍ରୀମନ୍ଦିର ଉପରେ ଅଜଣା ଡ୍ରୋନ୍ ବୁଲୁଛି। ଯାହାର କୌଣସି ସଠିକ୍ ଠିକଣା ଖୋଜି ପାଉନି ପୋଲିସ। ତେବେ ଗୋଟିଏ ପଟେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ବେଳେ ଆଉ ଗୋଟିଏ ପଟେ ଗର୍ଭଗୃହର ଫଟୋ ମଧ୍ୟ ଭାଇରାଲ ହୋଇଛି। ତେବେ ସବୁ ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂଆ ପଦକ୍ଷେପ ନେବାକୁ ଯାଉଛନ୍ତି। ଶ୍ରୀମନ୍ଦିର ବାହାରେ ବାରମ୍ବାର ଡ୍ରୋନ୍ ଉଡୁଥିବାରୁ ଆଗାମୀ ଦିନରେ ୱାଚ୍ ଟାୱାର ଲଗାଇବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର।

# 'ପିଏମ୍ ସୂର୍ଯ୍ୟଘର ଯୋଜନା ଏକ ସବୁଜ ଭବିଷ୍ୟତର ପଥ ପ୍ରଶସ୍ତ କରୁଛି'

**ଭୁବନେଶ୍ୱର, ୨୪।୦୧**
**ନ୍ୟୁଜ୍‌ବ୍ୟୁରୋ**

ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି ଅକ୍ଷୟ ଶକ୍ତିକୁ ସୁଲଭ ମୂଲ୍ୟରେ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା। ଏହି ପଦକ୍ଷେପ ଘରୋଇ ଛାତ ଉପରେ ସୌର ଶକ୍ତି ସ୍ଥାପନ ପ୍ରକ୍ରିୟାକୁ ସରଳ କରିଛି। ସମଗ୍ର ରାଜ୍ୟ ଓ ଦେଶରେ ଦ୍ରୁତ ବେଗରେ ରୁଫ୍‌ଟପ୍ ସୋଲାର ସ୍ଥାପନକୁ ସୁଗମ କରିଥିବା ଏହି ଯୋଜନାର ଲକ୍ଷ୍ୟ ହେଉଛି ଅକ୍ଷୟ ଶକ୍ତି କ୍ଷେତ୍ରରେ ବିପ୍ଳବ ଆଣିବା। ଏହି ଯୋଜନାର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ସବ୍‌ସିଡି ବ୍ୟବସ୍ଥା। ଗ୍ରାହକମାନେ ୩ କିଲୋୱାଟ୍ ପର୍ଯ୍ୟନ୍ତ ସ୍ଥାପନା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ୭୮,୦୦୦ ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି



ପାଇପାରିବେ। ଏଥିପାଇଁ ଓଡ଼ିଶା ସରକାର ମଧ୍ୟ ୬୦,୦୦୦ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ସବ୍‌ସିଡି ପ୍ରଦାନ କରୁଛନ୍ତି। ଆର୍ଥିକ ବୋଝକୁ ଆହୁରି କମ୍ କରିବା ପାଇଁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକଠାରୁ ୭% ସୁଧ ହାରରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଲଭ ଋଣ ଉପଲବ୍ଧ ହେଉଛି। ଏହି ଯୋଜନାର ପ୍ରାରମ୍ଭିକ ଗ୍ରହଣକାରୀମାନଙ୍କ ମାସିକ ବିଦ୍ୟୁତ୍ ବିଲ୍‌ରେ ଯଥେଷ୍ଟ ହ୍ରାସ ଘଟିଛି ଯାହା ଏହି ପଦକ୍ଷେପର ଅର୍ଥନୈତିକ ଏବଂ ପରିବେଶଗତ ଲାଭକୁ ସୁଦୃଢ଼ କରିଛି। ୨୦୨୭ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ରୁଫ୍ ଟପ୍ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି ଯାହା ସବୁଜ ଶକ୍ତି ଆଡ଼କୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବା ପାଇଁ ରହିଥିବା ଭାରତର ଜାତୀୟ ଲକ୍ଷ୍ୟ ସହିତ ଏହି ପଦକ୍ଷେପ ସମନ୍ୱିତ ରହିଛି। ପରିବେଶ ଲାଭ ବ୍ୟତୀତ ଏହି ଯୋଜନା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ କାର୍ବନ ଫୁଟପ୍ରିଣ୍ଟ୍‌କୁ ହ୍ରାସ କରି ଦେଶର ସ୍ଥାୟୀତ୍ୱ ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଏହି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ୨୦୨୫ ଜାନୁଆରୀ ୨୨ ତାରିଖରେ ଆରଇସି ଲିମିଟେଡ୍‌ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଭେଣ୍ଡର ମିଟ୍ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୌରଶକ୍ତି ବିକ୍ରେତା ଏବଂ ଏସ୍‌ଏଲ୍‌ବିସି ଓ ବ୍ୟାଙ୍କିଙ୍ଗ୍ ସହଯୋଗୀମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ଏଥିରେ ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ ଓ ଓରେଡାର ସିଇଓ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନଙ୍କ ସମେତ ଭୁବନେଶ୍ୱର ଆରଇସିର ସିପିଏମ୍ ଉପସ୍ଥିତ ଥିଲେ। ଏହି ବୈଠକ ପ୍ରମୁଖ ଅଂଶୀଦାରମାନଙ୍କ ପାଇଁ ଯୋଜନାର କାର୍ଯ୍ୟକାରିତାରେ ଥିବା ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରିବା ଏବଂ ସମ୍ଭାବ୍ୟ ସମାଧାନ ଅନ୍ୱେଷଣ କରି ଗଠନମୂଳକ ଆଲୋଚନାରେ ନିୟୋଜିତ ହେବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଆଗାମୀ ପିଢ଼ି ପାଇଁ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତକୁ ସୁନିଶ୍ଚିତ କରି ଭାରତର ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାକୁ ପ୍ରସ୍ତୁତ କରାଯାଇଛି।